

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 May 2024
Vol.No. 35 ■ No.142 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



## Smiles of Success
## Sulagna CHSE Toppers -2024

100% Result

Appeared-258 | 1st Division-248 | Above 500- 44 | Above 420-187



545 JYOTI PRAKASH
537 JAYJIT
537 PABITRA
535 PRASANTA
535 MRUTYUNJAY
534 SUBHRANSHU
534 PRATIMA
532 AYUSH
531 ADITYA
531 DIPTESH
531 SUBHAM
529 JYOTIRMAYEE
529 DHIROJ
528 JASMIN
527 DIPTIRANI
526 KAMALAKANTA
526 SONALI
525 DAYANIDHI
523 OMPRAKASH
522 RUPAM

Admission Open -2024-25

Sulagna Institute of Medical Sciences

(Approved by DMET, Health & Family Welfare Department, Govt. Of Odisha)

B.Sc. Nursing

Sulagna Public School (CBSE)

*Stress Free Schooling*

Pre School to Std-X

NEET-UG-2023



ANJAN PATRA SLN, KORAPUT
BIKAS DAS DMCH, KEONJHAR
ABHISEK BARIK GMCH, SUNDARGARH
LIPSA GOCHHAYAT SCB, CUTTACK
SUBHANKAR DAS PRM, BARIPADA

Sulagna

HIGHER SECONDARY SCHOOL
+2 Science Residential College, Balasore
(Permanent Recognition & Affiliation, Govt. of Odisha)

Campus- Sarita Nagar, MathaSahi, Balasore. Mob: 9853200320,7978702609, 7008050860, 9078302001, 7008084959
City Office : Sulagna Public School , M: 9040529298, 7978474402, 9437266157 website :www.sulagnaedu.in

# ପାଣି ପାଇଁ ଗରା ଧରି ରାସ୍ତା ରୋକ

ଜୟପୁର, ୨୭/୫ (ନି.ପ୍ର): ଜୟପୁର ସହର କୁମ୍ଭାରସାହିର ମହିଳା ମାନେ ଗରା ଧରି ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୧୫ ଦିନ ହେବ ପାଣି ଆସୁ ନାହିଁ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାଣି ଟୋପାଏ ପାଇଁ ସାହି ବାସିନ୍ଦା ହା ହା କରା ହେଉଛନ୍ତ । ଜୟପୁର ସହରରେ ଏପରି ଅବସ୍ଥା ଆଜି ଦେଖିବାକୁ ମିଳିଛି । ଉକ୍ତ ସାହିରେ ୧୫୦ ଘର ରହିଥିବା ବେଳେ ୪ ଶହ ଲୋକ ସଂଖ୍ୟା ରହିଛନ୍ତି । ସ୍ଥାନୀୟ କାଉନସିଲର ସିମାଂଚଳ ବିଷୋୟୀ ଙ୍କ ନେତୃତ୍ୱରେ ମହିଳା ମାନେ ରାସ୍ତା ରୋକ କରିଥିଲେ । ସୂଚନା ପାଇ ଟାଉନ ପୋଲିସ ଓ ବିଭାଗୀୟ ଅଧିକାରି ପହଂଚି ଟେଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତା ରୋକ ହଟିଥିଲା । ଏନେଇ ପିଏଚଡି ବିଭାଗର ସହକାରୀ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ମଧ କର୍ଣ୍ଣପାତ କରୁ ନାହାନ୍ତି । ପିଏଚଡି ବିଭାଗର ସହକାରୀ ଯନ୍ତ୍ରୀ କୋଟପାଡ ଓ ଜୟପୁର ଦାୟିତ୍ୱରେ ରହିଥିବାରୁ ଏପରି ଅବସ୍ଥା ଦେଖିବାକୁ ମିଳିଛି । ତେଣୁ ବିଭାଗ ପୁରୁଣା ସହର ଜୟପୁର ପାଇଁ ଏକ ସ୍ୱତନ୍ତ୍ର କନିଷ୍ଠ ଯନ୍ତ୍ରୀ ନିଯୁକ୍ତ କଲେ ସହରବାସୀ ଉପକୃତ ହେବେ ବୋଲି ଜୟପୁର ବାସୀ ଦାବି କରିଛନ୍ତି ।

# ଆକ୍ରମଣରେ ପୁଲିସ କନେଷ୍ଟବଳ ଆହତ: ଅଭିଯୁକ୍ତ ଭଣଜା ଓ ମାମୁ ଥାନାରୁ ଚମ୍ପଟ



ନନ୍ଦପୁର, ୨୭/୫ (ନି.ପ୍ର): ଅଭିଯୁକ୍ତ ଭଣଜା ଓ ମାମୁ ଥାନା ଭିତରୁ ଚମ୍ପଟ ମାରିବା ଘଟଣା କୋରାପୁଟ ଜିଲ୍ଲା ନନ୍ଦପୁର ପୁଲିସକୁ ଅକଳରେ ପକାଇଛି । ଭଣଜା ଚକମା ଦେଇ ଖସିଯାଇଥିଲା ବେଳେ ମାମୁ ଜଣେ ପୁଲିସ କନେଷ୍ଟବଳଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିବା ସୂଚନା ମିଳିଛି । ଯଦିଓ ଉଭୟଙ୍କ ସନ୍ଧାନ ଚାଲିଛି, କିନ୍ତୁ କୌଣସି ଖୋଜଖବର ମିଳୁନଥିବାରୁ ପୁଲିସ ନାକେଦମ ହୋଇସାରିଲାଣି । ସମୟ ଯେତିକି ଗଡୁଛି, ପୁଲିସର କାର୍ଯ୍ୟ ଦକ୍ଷତାକୁ ନେଇ ସେତିକି ପ୍ରଶ୍ନ ଉଠିବାରେ ଲାଗିଛି । ସୂଚନା ଅନୁଯାୟୀ, ନନ୍ଦପୁର ଦଳିତ ସାହିର ଉମେଶ ଗୁଣ୍ଟା କିଛି ଦିନ ତଳେ ଖିଲୁଆ ଗାଁର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲା । ଅଭିଯୁକ୍ତ ବିବାହିତ ଏବଂ ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରିବାକୁ ଅପହରଣ କରିଥିବା କୁହାଯାଉଛି । ଏ ନେଇ ନାବାଳିକାଙ୍କ ବାପା ନନ୍ଦପୁର ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ଉମେଶକୁ ପୁଲିସ ଥାନାକୁ ଆଣି ପଚରାଉଚୁରା ଆରମ୍ଭ କରିଥିଲା । ତେବେ ଥାନାର ଢିଲା ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ ଉମେଶ ଚକ୍‌ମା ଦେଇ ଥାନାରୁ ଫେରାର ହୋଇଯାଇଥିଲା । ଏହାପରେ ଖୋଜାଖୋଜି ଆରମ୍ଭ କରିବାରୁ ଅଭିଯୁକ୍ତ ଉମେଶକୁ ପତ୍ରପଣ୍ଡି ଗାଁରେ ରହୁଥିବା ମାମୁ ଏସ୍.କେ ସାଇନ୍ ଆଶ୍ରୟ ଦେଇଥିବା ପୁଲିସ ଜାଣିବାକୁ ପାଇଲା । ତେଣୁ ଏସ୍.କେ ସାଇନ୍‌କୁ ଥାନାକୁ ଆଣି ଅଟକ ରଖିଥିଲା । ପୁଲିସ କାଳେ ଗିରଫ କରି କୋର୍ଟ ଚାଲାଣ କରିବ ବୋଲି ଆଶଙ୍କା କରି ଅଭିଯୁକ୍ତର ମାମୁ ଏସ୍.କେ ସାଇନ୍ ମଧ ଥାନାରୁ ଚମ୍ପଟ ମାରିବାକୁ ଯୋଜନା କରିଥିଲା । ତେଣୁ ଥାନାର ଗୋଟିଏ ବନ୍ଧୁକରେ କନେଷ୍ଟବଳ ଭୂଷିତ ଟାର୍କିଙ୍କୁ ଆକ୍ରମଣ କରିଥିଲା । ଭୂଷିତ ଆଘାତ ପାଇ ତଳେ ପଡ଼ିଯିବାରୁ ଭଣଜା ଭଳି ମାମୁ ମଧ ଥାନାରୁ ଚମ୍ପଟ ମାରିଥିଲା । ଆକ୍ରମଣରେ ଭୂଷିତଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମାମୁ ଓ ଭଣଜା ଥାନା ଭିତରୁ ଫେରାର ହୋଇଯିବା ପରେ ଅଜଣା ସ୍ଥାନରେ ଆଶ୍ରୟ ନେଇଛନ୍ତି । ଅନ୍ୟପଟେ ଉଭୟଙ୍କୁ ଧରିବା ପାଇଁ ପୁଲିସ କେବଳ ଅନ୍ଧାରରେ ବାଡ଼ି ବୁଲାଉଛି । ସେହିପରି ଥାନା ଭିତରେ ନିଜେ ପୁଲିସ ସୁରକ୍ଷିତ ନୁହେଁ, ଲୋକଙ୍କୁ କେମିତି ସୁରକ୍ଷା ଦେବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ତୁରନ୍ତ ଅଭିଯୁକ୍ତ ଭଣଜା ଏବଂ ମାମୁଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସମ୍ପିତ କୁମାର୍ ମାଝୀ ଓ ଆଇଆଇସି ମମତା କୁମାରୀ ପଣ୍ଡା ପ୍ରକାଶ କରିଛନ୍ତି ।

# ପ୍ରଶାନ୍ତ ଜଗଦେବଙ୍କ ଗିରଫଦାରୀକୁ ନେଇ ତାତିଲେ ବିଜେପି କର୍ମୀ: ଉପ ଜିଲ୍ଲାପାଳଙ୍କ ଅଫିସ ଘେରିଲେ



ଚିଲିକା, ୨୭/୫ (ନି.ପ୍ର): ଚିଲିକା ବିଧାୟକ ତଥା ଚଳିତ ନିର୍ବାଚନରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ଗିରଫଦାରୀକୁ ଜୋରଦାର ବିରୋଧ କରାଯାଇଛି । ପ୍ରଶାନ୍ତ ଜଗଦେବଙ୍କୁ ଗିରଫ ଅଭିଯୋଗରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଛନ୍ତି ଶତାଧିକ ବିଜେପି କର୍ମୀ । ବିଜେପି କର୍ମୀମାନେ ପ୍ରଶାନ୍ତ ଜଗଦେବଙ୍କୁ ନିସର୍ତ୍ତ ଖଲାସ କରିବାକୁ ଦାବି କରିଛନ୍ତି । ବିନା ସିସିଟିଭି ଫୁଟେଜ୍ ଯାଞ୍ଚରେ କାହିଁକି ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଗଲା ? ଶୀଘ୍ର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉ ଓ ପ୍ରଶାନ୍ତ ଜଗଦେବଙ୍କୁ ପୁଲିସ ଛାଡ଼ି ଦେଉ ବୋଲି ଦାବି ହୋଇଛି ।

ଏପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନାହାନ୍ତି । ଏହି ଆନ୍ଦୋଳନରେ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ରଙ୍କ ସହ ଅନ୍ୟ ବିଜେପି କର୍ମୀମାନେ ସାମିଲ ହୋଇଛନ୍ତି । ଜଣେ ମହିଳା ବିଜେପି କର୍ମୀ କହିଛନ୍ତି, ପ୍ରଶାନ୍ତ ଜଗଦେବ ଇଭିଏମ ମେସିନ ଭାଙ୍ଗି ନାହାନ୍ତି । ପ୍ରଶାନ୍ତ ଜଗଦେବ ଓ ତାଙ୍କ ସ୍ତ୍ରୀ ଭୋଟ ଦେବାକୁ ଆସିଥିଲେ । ହେଲେ ବିଜୁଜନତା ଦଳର ଗୁଣ୍ଡାମାନେ ବୁଥରେ ଇଭିଏମ ମେସିନ ଭାଙ୍ଗିବା ସହ ଗୁଣ୍ଡାଗର୍ଦ୍ଦି କରିଥିଲେ । ଏସଡିପିଓ ଦିଲ୍ଲୀପ ଦାସ ବିଜୁ ଜନତା ଦଳର ଗୁଣ୍ଡା ସାଜିଛନ୍ତି । ବିଜେଡି ଟଙ୍କା ବାଣ୍ଟିଲା ବେଳେ ଦିଲ୍ଲୀପ ଦାସ ସହଯୋଗ କରୁଥିଲେ । ପ୍ରଶାନ୍ତ ଜଗଦେବଙ୍କୁ ପୁଲିସ ଶୀଘ୍ର ଛାଡ଼ି ଦେଉ ଓ ଦିଲ୍ଲୀପ ଦାସଙ୍କୁ ବରଖାସ୍ତ କରାଯାଉ । ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ କାଉଁରିପାଟଣା ବୁଥରେ ଇଭିଏମ୍ ଭଙ୍ଗାଯିବା ଅଭିଯୋଗ ମାମଲାରେ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଛି । ଗିରଫ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କୁ ଖୋର୍ଦ୍ଧା ଜେଲକୁ ପଠାଯାଇଥିବା ସୂଚନା ମିଳିଛି ।

# ପାଣିକୋଇଲି ହାଇସ୍କୁଲର ଦୁଇ ମ୍ୟାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

କୋରେଇ, ୨୭/୫ (ନି.ପ୍ର): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଟପ୍ପର ହୋଇଥିବା ଦୁଇ ମେଧାବୀ ଛାତ୍ରୀଙ୍କୁ ପାଣିକୋଇଲି ସରପଂଚ ଓ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜଣାଯାଇଛି । ବିଦ୍ୟାଳୟର ସର୍ବୋଚ୍ଚ ମାର୍କ ରଖିଥିବା ପାଣିକୋଇଲି ଗ୍ରାମର ଶ୍ରୀଧର ବେହେରା ଓ ଶାନ୍ତିଲତା ବେହେରାଙ୍କ ଝିଅ ସୁନୟନା ୫୫୨ ମାର୍କ ରଖି ଟପ୍ପର ହୋଇଥିବା ବେଳେ ଏହି ଗ୍ରାମର ନାରାୟଣ ସାହୁ ଓ ସାରଥି ସାହୁଙ୍କ ଝିଅ ଶୁଭଲକ୍ଷ୍ମୀ ୫୪୦ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସୁନୟନାଙ୍କ ବାପା ପାନ ଦୋକାନ କରିଥିବା ବେଳେ ଶୁଭଲକ୍ଷ୍ମୀଙ୍କ ବାପା ଜଣେ ଟ୍ରକ ଚାଳକ । ତେବେ ନିମ୍ନ ମଧ୍ୟବିତ ପରିବାରୁ ଆସିଥିବା ଦୁଇ ମେଧାବୀ ଛାତ୍ରୀଙ୍କୁ ସୋମବାର ଦିନ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ ନିଜ ବାସଭବନରେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସୁର୍ଯ୍ୟମଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ପହୀ, ପ୍ରଫୁଲ୍ଲ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ଦୁଇ ମେଧବାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ହବାକ ହାଇସ୍କୁଲର ସଫଳତା: ୯୭.୩୬ ପ୍ରତିଶତ ରେଜଲ୍ଟ



ଘୁ.ଉଦୟଗିରି, ୨୭/୫ (ନି.ପ୍ର): ପ୍ରକାଶ ପାଇଛି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ । ସବୁଆଡେ ପିଲାଙ୍କ ଭିତରେ ଖୁସିର ଲହରୀ । ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫ୍ଲର ସଫଳତାର ଶୀର୍ଷ ଛୁଇଁଛି । ଏହି ବିଦ୍ୟାଳୟ ର ଛାତ୍ର ଶୂୟସ ସାମଲ ମୋଟ୫୫୮ନଂ ଅର୍ଥାତ ୯୩ପ୍ରତିଶତ ମାର୍କ ରଖି କନ୍ଧମାଳ ଜିଲ୍ଲା ଟପର ହୋଇଛନ୍ତି । ଶୂୟସ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଜଣାଶୁଣା ବିଜ୍ଞାନ ଶିକ୍ଷକ ଜିତେନ୍ଦ୍ର ସାମଲଙ୍କ ପୁଅ ।ଶୂୟସଙ୍କ ମା ମଧ ଜଣେ ଶିକ୍ଷୟତ୍ରୀ । ଶୂୟସଙ୍କ ଏହି ସଫଳତା ପଛରେ ତାଙ୍କ ବାପା, ମା, ନିଜ ଦାଦା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ହାତ ରହିଥିବା ବେଳେ ନିଜ ପରିଶ୍ରମ ଏବଂ ପିଲାବେଳୁ ଶିକ୍ଷା ପ୍ରତି ଅହେତୁକ ଦୁର୍ବଳତା ଏହି ସଫଳତା ପାଇଁ ସୁଯୋଗ ସୃଷ୍ଟି କରିଛି । ଭବିଷ୍ୟତରେ ମେଡ଼ିକାଲ ପଢିବା କୁ ଆଗ୍ରହ ରହିଥିବା କହିଛନ୍ତି । ସେହିଭଳି ହବାକ ହାଇସ୍କୁଲର ଆୟୁଷ ରଥ ମୋଟ୫୪୯ମାର୍କ ଅର୍ଥାତ ୯୧.୫୦ପ୍ରତିଶତ ମାର୍କ ରଖି କନ୍ଧମାଳ ଜିଲ୍ଲାରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ଆୟୁଷ ହେଉଛନ୍ତି ସ୍ୱର୍ଗତ କୈଳାଶ ରଥଙ୍କ ପୁଅ, ମାତା ମହିଳା ମହାବିଦ୍ୟାଳୟର କର୍ମଚାରୀ । ଆୟୁଶ ପିଲାବେଳୁ ଜଣେ ମେଧାବୀ ଛାତ୍ର ।କମ ସମୟ ପରିଶ୍ରମ କରି ଅଧିକ ସଫଳତା ହାସଲ କରିବା ସହ ସମସ୍ୟା ଭିତରେ ରହି ମଧ ପାଠ ପ୍ରତି ଧ୍ୟାନ ଦେଇ ପରିଶ୍ରମ କରିବା ସହ ନିଜ ମା, ଭାଇଙ୍କ ସହଯୋଗ ଶିକ୍ଷକ ଶିକ୍ଷାତ୍ରୀଙ୍କ ଚେଷ୍ଟା ଏବଂ ସହଯୋଗ ଯୋଗୁଁ ମୁଁ ସଫଳତା ପାଇଥିବା ବେଳେ ଆଗାମୀ ଭବିଷ୍ୟତରେ ନିଜ ଲକ୍ଷ ପୂରଣ କରିବା ନିମନ୍ତେ ଆଗାମୀ ଭବିଷ୍ୟତରେ ନିଷ୍ପତ୍ତି ନେବି ବୋଲି କହିଛନ୍ତି । ସେଇଭଳି ସେଇ ବିଦ୍ୟାଳୟର ଓମ ପ୍ରକାଶ ପଣ୍ଡା ୫୪୦ମାର୍କ ଅର୍ଥାତ ୯୦ପ୍ରତିଶତ ମାର୍କ ରଖି କନ୍ଧମାଳ ଜିଲ୍ଲାରେ ଅଷ୍ଟମ ସ୍ଥାନରେ ରହିଛନ୍ତି । ସେ ହେଉଛନ୍ତି ସ୍ଥାନୀୟ ସହରର ପ୍ରତିଷ୍ଠିତ ଲୁଗା ବ୍ୟବସାୟୀ ବାଳକୃଷ୍ଣ ପଣ୍ଡାଙ୍କ ସାନ ପୁଅ । ଓମ କହିଛନ୍ତି ଆଗାମୀ ଭବିଷ୍ୟତରେ ସେ ମେଡ଼ିକାଲ ପାଠ ପଢିବା ନିମନ୍ତେ ଲକ୍ଷ ରଖିଛି ଏବଂ ଲକ୍ଷ ପୂରଣ ନିମନ୍ତେ ଚେଷ୍ଟା ଜାରୀରହିବ ।ମୋ ସଫଳତା ପଛରେ ମୋ ଶିକ୍ଷକ ଶିକ୍ଷୟତ୍ରୀ ମୋ ପରିବାର ସଦସ୍ୟଙ୍କ ହାତ ରହିବା ସହ ମୋର ପରିଶ୍ରମ ରହିଥିବା କହିଛନ୍ତି ।ହବାକ ହାଇସ୍କୁଲରେ ଦଶମ ଶ୍ରେଣୀରେ ଚଳିତ ବର୍ଷ ମୋଟ ୧୧୪ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧୧ଜଣ ଛାତ୍ର ପାସ କରିଛନ୍ତି ଏ୧ରେ ୩ଜଣ, ଏ୨ରେ ୩ଜଣ ପାସ କରିବା ସହ ଜିଲ୍ଲାରେ ଶ୍ରେଷ୍ଠ ଦଶ ଜଣଙ୍କ ଭିତରେ ତିନି ଜଣ ସ୍ଥାନ ପାଇଛନ୍ତି । ଏହି ସଫଳତା ପଛରେ ହବାକ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିଷ୍ଠାପର ଉଦ୍ୟମ, ପରିଶ୍ରମ ଏବଂ ଚେଷ୍ଟା ଯୋଗୁଁ ସଫଳତା ଶୀର୍ଷରେ ପହଁଚି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିପାରିଛି ।

# ଗଣତି ପୂର୍ବରୁ ଜିତିଗଲେ ଭୋଟର: ଅନୁଗୁଳରେ ୮୨.୨୭ ପ୍ରତିଶତ ମତଦାନ

ଅନୁଗୁଳ, ୨୭/୫ (ନି.ପ୍ର): ସକାଳୁ ସଂଜ ଯାଏ ଖଚାଖଚ ଭିଡ଼ । ଖରାତରାକୁ ଖାତିର ନାହିଁ କି ଲମ୍ବା ଧାଡ଼ିକୁ ଭୟ ନାହିଁ । ବରଂ, ନିଜ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ପ୍ରବଳ ଉତ୍ସାହ । ଆଉ ଲମ୍ବା ଅପେକ୍ଷା ପରେ ଭୋଟ ଦେଇଥିବା ଲୋକଙ୍କ ଖୁସି ନ ଦେଖିଲେ ବିଶ୍ୱାସ କରିହେବନି । ଅନୁଗୁଳ ଜିଲ୍ଲାରେ ଭୋଟଦାନ ପ୍ରତି ଲୋକଙ୍କର ଏମିତି ଆଗ୍ରହ ଭୋଟ୍‌ହାର ଉପରେ ବଡ଼ ପ୍ରଭାବ ପକାଇଛି । ପ୍ରାରମ୍ଭିକ ଆକଳନ ଅନୁସାରେ ଅନୁଗୁଳ ଜିଲ୍ଲାରେ ୮୨.୨୭ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ତେବେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଏହା ଆହୁରି ବଢ଼ିବାର ସମ୍ଭାବନା ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁର୍ଗମ କୁହାଯାଉଥିବା ଆଠମଲ୍ଲିକ, ପାଲଲହଡ଼ା ଓ ଛେଣ୍ଡିପଦାରେ ମତଦାନ ହାର ସବୁଠାରୁ ଅଧିକ । ଶନିବାର ଅନୁଗୁଳ ଜିଲ୍ଲାରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ଭୋଟଗ୍ରହଣ କରାଯାଇଥିଲା । ମତଦାନ ସମୟରେ ପ୍ରବଳ ଗରମ ଓ ଗୁଲୁଗୁଳିରେ ସନ୍ତୁଳି ହୋଇଥିଲା ଅନୁଗୁଳ । ଖରାର ତେଜ ବି କମ୍ ନ ଥିଲା । ଏପଟେ ବହୁ ବୁଥରେ ଇଭିଏମ୍ ସମସ୍ୟା ପାଇଁ ମତଦାନ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ ହୋଇଥିଲା । କିନ୍ତୁ ଲୋକେ ଧୈର୍ଯ୍ୟ ହରାଇ ନଥିଲେ । ବରଂ, ଇଭିଏମ ଠିକ ହେବା ପର୍ଯ୍ୟନ୍ତ ଧାଡ଼ି ବାନ୍ଧି ଅପେକ୍ଷା କରିଥିଲେ । ନିଜ ପାଳି ପଡ଼ିବା ପର୍ଯ୍ୟନ୍ତ ଜଗି ରହିଥିଲେ । ଖରା ଯେତିକି ବଢୁଥିଲା, ଧାଡ଼ି ସେତିକି ଲମ୍ବୁଥିଲା । କିଏ ଛତା ଧରି ତ କିଏ ପାଣି ବୋତଲ ଧରି ଟାଣ ଖରାରେ ଅପେକ୍ଷା କରିଥିଲେ । ଦିନ ତମାମ ବୁଥ ଆଗରେ ଏମିତି ଗହଳି ଲାଗି ରହିଥିଲା । ଆଉ ଏହି ଚିତ୍ର ହିଁ ବୟାନ କରୁଛି ଲୋକଙ୍କ ଗଣତନ୍ତ୍ର ଉପରେ ଥିବା ସେମାନଙ୍କ ଆସ୍ଥା ଓ ଭରସାକୁ । ଶୀତତାପ ନିୟନ୍ତ୍ରିତ ଘରେ ବସି ସରକାର ଓ ଶାସନ ବ୍ୟବସ୍ଥାକୁ ସମାଲୋଚନା ନ କରି ନିଜେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହେବାକୁ ଲୋକଙ୍କ ଏମିତି ଆଗ୍ରହ ଅନୁଗୁଳକୁ ଗର୍ବିତ କରିଛି । ଖାସ ଏଇଥିପାଇଁ ଆଠମଲ୍ଲିକ ପରି ଆଦିବାସୀ ବହୁଳ ଅଞ୍ଚଳରେ ୮୫.୬୯ ପ୍ରତିଶତ ମତଦାନ ସମ୍ଭବ ହୋଇ ପାରିଛି ।

ଅନୁଗୁଳ ଜିଲ୍ଲାର ସମସ୍ତ ୫ଟି ଯାକ ବିଧାନସଭା ପାଇଁ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା । କିନ୍ତୁ କେଉଁଠି ବି ନିର୍ଦ୍ଧାରିତ ସମୟ ଭିତରେ ମତଦାନ ଶେଷ ହୋଇପାରିନଥିଲା । ଭୋଟରଙ୍କ ଭିଡ଼ ପାଇଁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ କରାଯାଇଥିଲା । ଏପରିକି କିଛି ବୁଥ୍‌ରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨୪୯ଟି ବୁଥ୍ ରହିଥିଲାବେଳେ ଏଠାରେ ଅନେକ ଦୁର୍ଗମ ଅଞ୍ଚଳ ରହିଛି । ତଥାପି ପାହାଡ଼, ଝରଣା ଡେଇଁ ଚାଲି ଚାଲି ବୁଥପାଖକୁ ଆସିଥିଲେ ଭାରତର ଭାଗ୍ୟ ବିଧାତା କୁହାଯାଉଥିବା ଭୋଟର । ଅନ୍ୟତମ ଦୁର୍ଗମ ପାଲଲହଡ଼ାରେ ରାତି ପର୍ଯ୍ୟନ୍ତ ଭୋଟ ଚାଲିଥିଲାବେଳେ ଏଠାରେ ୮୨.୯୮ ପ୍ରତିଶତ ମତଦାନ ହୋଇଛି । ଛେଣ୍ଡିପଦାରେ ୮୪.୩୬ ପ୍ରତିଶତ ଭୋଟଦାନ ହୋଇଥିଲାବେଳେ ଅନୁଗୁଳରେ ୭୯.୬୫ ପ୍ରତିଶତ ଭୋଟ ପଡ଼ିଛି । ସେହିପରି ତାଳଚେର ବିଧାନସଭା କ୍ଷେତ୍ରରେ ୭୭.୯୦ ପ୍ରତିଶତ ମତଦାନ ହୋଇଛି । ୨୦୧୯ ନିର୍ବାଚନରେ ପାଲଲହଡ଼ାରେ ସର୍ବାଧିକ ୮୦.୯୪ ପ୍ରତିଶତ ମତଦାନ ହୋଇଥିଲାବେଳେ ତାଳଚେରରେ ୭୧.୪୧, ଅନୁଗୁଳରେ ୭୨.୫, ଛେଣ୍ଡିପଦାରେ ୭୯.୫୬ ଓ ଆଠମଲ୍ଲିକରେ ୭୯.୮୪ ପ୍ରତିଶତ ମତଦାନ ହୋଇଥିଲା ।

ଚଳିତ ନିର୍ବାଚନରେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାରେ ଆଗୁଆ ଅଛନ୍ତି ଯୁବ ଭୋଟର । ପ୍ରଥମ ଥର ପାଇଁ ଭୋଟ ଦେଇ ବେଶ ଆତ୍ମ ସନ୍ତୋଷ କରିଛନ୍ତି ଯୁବଗୋଷ୍ଠୀ । କେବଳ ସେତିକି ନୁହେଁ, ଏହାକୁ ନେଇ ବେଶ ଗର୍ବ ଅନୁଭବ କରିଛନ୍ତି । ନିର୍ବାଚନୀ କାଳି ଲାଗିଥିବା ଆଙ୍ଗୁଠିର ବୁଥ୍ ଆଗରେ ସେଲ୍‌ଫି ଉଠାଇ ସାମାଜିକ ଗଣମାଧମରେ ପୋଷ୍ଟ କରିଛନ୍ତି । ଖାସ ସେଥିପାଇଁ ସୋସିଆଲ ମିଡିଆର ପୃଷ୍ଠା ସବୁ ନିର୍ବାଚନୀ କାଳିରେ କଳା ହୋଇ ଯାଇଛି । ଏହା ସହ ମହିଳା ଓ ଯୁବତୀମାନେ ମଧ ବେଶ ଆଗ୍ରହର ସହ ଭୋଟ ଦେବାକୁ ଆସିଥିବାରୁ ଭୋଟ ଗଣତି ପୂର୍ବରୁ ଭୋଟର ଓ ଗଣତନ୍ତ୍ରର ବିଜୟ ହୋଇଥିବା ଚର୍ଚ୍ଚା ଚାଲିଛି ।

# ମା’ ତାରିଣୀଙ୍କ ଜନ୍ମୋତ୍ସବର ପୁର୍ଣ୍ଣାହୁତି

କୋରେଇ, ୨୭/୫ (ନି.ପ୍ର): ଚଳିତ ମାସ ୨୩ ତାରିଖ ପବିତ୍ର ଚନ୍ଦନ ପୁର୍ଣମୀ ଦିନ ମା ତାରିଣୀଙ୍କ ଜନ୍ମୋତ୍ସବ ସ୍ଥାନୀୟ ମା ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇ ୨୫ ତାରିଖ ଦିନ ପୂର୍ଣ୍ଣାହୂତି ହୋଇଯାଇଛି । ୨୨ ତାରିଖ ଦିନ ଅଧିବାସ ପରେ ତିନି ଦିନ ଧରି ଯଜ୍ଞୋତ୍ସବ ଓ ପାଲା ପରିବେଷଣ କରାଯାଇଥିଲା । ମୁଖ୍ୟ ପୁରୋହିତ ଆଚାର୍ଯ୍ୟ ରବି ମିଶ୍ର ଓ ମନ୍ଦିରର ପୁଜକ ସୂର୍ଯ୍ୟମଣି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କର୍ତା ଭାବେ କାର୍ତିକ ଚନ୍ଦ୍ର ମଲ୍ଲିକ ସସ୍ତ୍ରୀକ ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ ।

# କାହିଁକି ତଥ୍ୟ ଲୁଚାଇଲା ବୋର୍ଡ ?: ୭୫% କମିଛି ଏ-୧ ଗ୍ରେଡ୍ ପାସ୍ ସଂଖ୍ୟା

## ମେଧାବୀ, ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା



କଟକ, ୨୭/୫ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆଜି ମାଟ୍ରିକ ପରୀକ୍ଷାଫଳ ସଂପୂର୍ଣ୍ଣ ଭିନ୍ନ ଢଙ୍ଗରେ ପ୍ରକାଶ କରିଛି । ଯେଉଁ ଢଙ୍ଗରେ ସଂପୂର୍ଣ୍ଣ ତଥ୍ୟ ସହିତ ବୋର୍ଡ କର୍ତ୍ତୃପକ୍ଷ ବର୍ଷବର୍ଷ ଧରି ଗଣମାଧ୍ୟମ ସାମନାରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ କରୁଥିଲେ, ସେ ପରମ୍ପରାକୁ ଏଥର ସଂପୂର୍ଣ୍ଣ ବଦଳାଇ ଦେଇଛନ୍ତି । ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ ପ୍ରକ୍ରିୟାକୁ ତ ଉଠାଇ ଦିଆଯାଇଛି, ତା’ ସହିତ ପରୀକ୍ଷା ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ବି ଏଥର ବୋର୍ଡ କର୍ତ୍ତୃପକ୍ଷ ପ୍ରକାଶ କରି ନାହାନ୍ତି । କାମଚଳା ଢଙ୍ଗରେ କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସାମନାରେ ସଭାପତି, ଉପସଭାପତି ଓ ପରୀକ୍ଷା ନିୟନ୍ତ୍ରକ ପରୀକ୍ଷାଫଳ ପ୍ରକାଶ ପାଇଲା ବୋଲି ଘୋଷଣା କରି ସଂକ୍ଷିପ୍ତ ସୂଚନା ସମ୍ବଳିତ ଏକ କାଗଜ ବାଣ୍ଟି ଦେଇଛନ୍ତି । କିନ୍ତୁ ଚଳିତ ବର୍ଷ କେତେ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଲେ, ଅଥବା ପରକୁ ପର ଏ-୨, ବି-୧, ବି-୨ ଗ୍ରେଡ୍‌ରେ କେତେ ଛାତ୍ରଛାତ୍ରୀ ରହିଲେ, ସେ ସଂପର୍କିତ ସୂଚନା ବୋର୍ଡ ପକ୍ଷରୁ ଜାରି କରାଯାଇ ନାହିଁ । ଯଦିଓ ୨୦୨୪ର ପାସ୍ ହାର ୨୦୨୩ ପାସ୍ ହାର ପାଖାପାଖି ରହିଛି, କିନ୍ତୁ ଛାତ୍ରଛାତ୍ରୀ ଭଲ ନମ୍ବର ରଖିବାରେ ଏଥର ବିଫଳ ହୋଇଛନ୍ତି । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ କରି ନାହାନ୍ତି ନା ଅନ୍ୟ କୌଣସି କାରଣରୁ ସେମାନଙ୍କ ପରୀକ୍ଷାଖାତାର ଠିକ୍ ମୂଲ୍ୟାୟନ ହୋଇନାହିଁ, ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି । ବିଶେଷକରି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିବାରେ ଏଥର ଛାତ୍ରଛାତ୍ରୀ ବିଫଳ ହୋଇଛନ୍ତି । ୨୦୨୩ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ୪ ହଜାର ୧୫୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ଅଥବା ତା’ଠାରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ଚଳିତ ବର୍ଷ ସେହି ସଂଖ୍ୟା ୭୫ ପ୍ରତିଶତରୁ ଅଧିକ ହ୍ରାସ ପାଇଥିବା ଜଣାପଡିଛି । ଉଦାହରଣ ସ୍ୱରୂପ ଦେଖିଲେ ଯେଉଁଠି କଟକ ଜିଲ୍ଲାରେ ୬୦୪ ଜଣ ଛାତ୍ରଛାତ୍ରୀ ୨୦୨୩ରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିଲେ, ଚଳିତ ବର୍ଷ ସେହି ସଂଖ୍ୟା ୧୫୦କୁ ଖସି ଆସିଛି । ସେହିଭଳି ଜଗତସିଂହପୁର ଜିଲ୍ଲାରେ ୨୦୨୩ରେ ୯୩ ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ଚଳିତ ବର୍ଷ ସେହି ସଂଖ୍ୟା ୨୯କୁ ଖସି ଆସିଛି । କେନ୍ଦ୍ରାପଡ଼ାରେ ବି ୨୦୨୩ରେ ୧୧୨ ଜଣ ଏ-୧ ଗ୍ରେଡ୍ ପାଇଥିବା ବେଳେ ଚଳିତ ବର୍ଷ ସଂଖ୍ୟା ୩୧କୁ ଖସିଛି । ରାଜ୍ୟର ସବୁ ଜିଲ୍ଲାରେ ଏଭଳି ଅପ୍ରତ୍ୟାଶିତ ଭାବେ ଏ-୧ ଗ୍ରେଡ୍‌ରେ ପାସ୍ ପିଲାଙ୍କ ସଂଖ୍ୟା ହ୍ରାସ ପାଇବା ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ସିବିଏସ୍‌ଇ ୧୦ମ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ୯୯.୮ ପ୍ରତିଶତ ରଖି ରାଜ୍ୟ ଟପର ହେବା ଏବଂ ବହୁ ସଂଖ୍ୟାରେ ପିଲା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ବୋର୍ଡର ଏଭଳି ପରୀକ୍ଷାଫଳକୁ ନେଇ ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀମାନେ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟାରେ ପଛରେ ପଡିଯିବେ ବୋଲି ଆଶଙ୍କା କରାଯାଉଛି ।

# ନିର୍ବାଚନୀ ସଭାରେ ଯୋଗଦେଲେ ଭି.କେ ପାଣ୍ଡିଆନ



ବାସୁଦେବପୁର, ୨୭/୫ (ନି.ପ୍ର): ବାସୁଦେବପୁର ବାଲି ନଗର ପଡ଼ିଆରେ ଆଜି ଫାଇଭ ଟି ଅଧକ୍ଷ ଭି କେ ପାଣ୍ଡିଆନ ଆକାଶ ମାର୍ଗରେ ହେଲି କେପ୍ଟର ରେ ଆସି ନିର୍ବାଚନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସଭାରେ ଶ୍ରୀ ପାଣ୍ଡିଆନ ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ । ବିଜୁ ସ୍ୱାସ୍ଥ୍ୟ କାର୍ଡ ଠାରୁ ଆରମ୍ଭ କରି ରେସନ୍ କାର୍ଡ ପର୍ଯ୍ୟନ୍ତ୍ ଅନେକ ଯୋଜନା ସମ୍ପର୍କରେ ଶ୍ରୀ ପାଣ୍ଡିଆନ ଆଲୋଚନା କରିଥିଲେଏବଂ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭାଇ ଭଉଣୀ ମାନଙ୍କୁ ନିବେଦନ କରିଥିଲେ । ଏହି ସଭାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ସମସ୍ତ ଭାଇ ଭଉଣୀ ଜନ ସାଧାରଣ ମାନଙ୍କ ଆଶୀର୍ବାଦ କାମନା କରିଥିଲେ ଓ ସମସ୍ତ ଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଜେଡିର ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଭୋଟର ଭାଇ ଭଉଣୀ ମାନଙ୍କୁ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ଲୋକପ୍ରିୟତା ସମ୍ପର୍କରେ କହିଥିଲେ । ଏହି ସଭାରେ ବିଧାୟକ ପ୍ରାର୍ଥୀ ଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଯୁବ ନେତା ଦୀନବନ୍ଧୁ ଦାସ, ଦେବ ଦର୍ଶନ ଦାଶ, ରତୁ ପର୍ଣା ରାଉତରାୟ, ରଶ୍ମିତା ନାୟକ ଯୋଗ ଦେଇଥିଲେ । ପନ୍ଦର ହଜାର ରୁ ଅଧିକ ଜନ ସାଧାରଣ ଯୋଗ ଦେଇଥିଲେ ।

# ବିଜେପି ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ

ବାସୁଦେବପୁର, ୨୭/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ । ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତି, ଭଦ୍ରକ ଜିଲ୍ଲା ସଂସଦୀୟ କ୍ଷେତ୍ର ଓ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଉଦୟ ନାରାୟଣ ମଲ୍ଲିକ, ପ୍ରଭାରୀ ତପସ୍ୱିନୀ ମହାପାତ୍ର, ମନସ୍ମିତା ଖୁଣ୍ଟିଆ, ଗୌରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପଦ୍ମ ଫୁଲ ଚିହ୍ନରେ ସମସ୍ତ ଙ୍କୁ ଭୋଟ ଦେବା ପାଇଁ ବାଣୀ କଲ୍ୟାଣ ମହାନ୍ତି ଓ ଅଭିମନ୍ୟୁ ସେଠୀ ସମସ୍ତ ଙ୍କୁ ନିବେଦନ କରିଥିଲେ । ଭାରତ ବର୍ଷର ଆଦରଣୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଯୋଜନା ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଜୟ ଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଥିଲା ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 May 2024
Vol.No. 35 ■ No.142 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୌସୁମୀ ସ୍ୱାଭାବିକ ଠାରୁ ଅଧିକ ବର୍ଷିବ: ୩୦ ପରେ ତାତିରୁ ମିଳିବ ନିସ୍ତାର



ନୂଆଦିଲ୍ଲୀ, ୨୭/୫ : ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ଠାରୁ ଅଧିକ ବର୍ଷିବ ବୋଲି ପୁଣିଥରେ ଦୋହରାଇଛି ଭାରତୀୟ ପାଣିପାଗ ବିଭାଗ। ଏପ୍ରିଲ ମାସରେ ବିଭାଗ ଯେଉଁ ଆକଳନ କରିଥିଲା ଆଜି ମଧ ଏଥିରେ କାଏମ ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବରେ ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହେବ। କିନ୍ତୁ ଜୁଲାଇରୁ ସେପଟ୍ମେର ମାସ ମଧ୍ୟରେ ପୂରା ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବ ବୋଲି ଆଜି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବାରୁ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ଆଶା ସଞ୍ଚାର ହୋଇଛି। ଶ୍ରୀ ମହାପାତ୍ରଙ୍କ କହିବା କଥା, ଜୁନ ମାସରେ ଭାରତରେ ୯୨ରୁ ୧୦୮% ବର୍ଷା ହୋଇପାରେ। ଅର୍ଥାତ ଜୁନ ମାସରେ ସ୍ୱାଭାବିକ ବର୍ଷା ହେବ। ଜୁଲାଇରୁ ସେପଟ୍ମେର ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ବର୍ତ୍ତମାନ ମୌସୁମୀ କେରଳ ଛୁଇଁବା ପାଇଁ ଉପଯୁକ୍ତ ପାଣିପାଗ ରହିଛି। ଆସନ୍ତା ୫ ଦିନ ମଧ୍ୟରେ ମୌସୁମୀ କେରଳ ଛୁଇଁବ। ଦେଶର ଯେଉଁ ସବୁ ସ୍ଥାନରେ ଅଧିକ ମାତ୍ରାରେ କୃଷି କାର୍ଯ୍ୟ କରାଯାଉଛି, ସେଠାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ତେବେ ଉତ୍ତରପୂର୍ବ ଭାରତରେ ମୌସୁମୀ ସ୍ୱାଭାବିକ ଠାରୁ କମ ବର୍ଷିବ। ଉତ୍ତର ପଶ୍ଚିମରେ ସ୍ୱାଭାବି ଓ କେନ୍ଦ୍ରୀୟ ଓ ଦକ୍ଷିଣ ପ୍ରାନ୍ତର ଉପଦ୍ୱୀପ ଅଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ବିଭାଗ କହିଛି ଯେ ଉତ୍ତରପଶ୍ଚିମ ଓ କେନ୍ଦ୍ରୀୟ ଭାରତରେ ଜାରି ରହିଥିବା ହିଟୱେଭରୁ ନିସ୍ତାର ମିଳିବ। ୩ ଦିନ ପରେ ପଶ୍ଚିମା ଝଡ଼ର ପ୍ରଭାବ ଯୋଗୁ ଏଠାରେ ତାପମାତ୍ରା ହ୍ରାସ ପାଇବ। ଅର୍ଥାତ ୩୦ ତାରିଖ ପରେ ଖରାରୁ ନିସ୍ତାର ମିଳିବ। ଶ୍ରୀ ମହାପାତ୍ର କହିଛନ୍ତି, ରାଜସ୍ଥାନ ଓ ଗୁଜରାଟରେ ଚଳିତ ବର୍ଷ ୯ରୁ ୧୨ ଦିନ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଛି। ତାପାମାତ୍ରା ୪୦ରୁ ୫୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଦିଲ୍ଲୀ, ଦକ୍ଷିଣ ହରିୟାଣା, ଦକ୍ଷିଣ ପଶ୍ଚିମ ୟୁପି ଓ ପଞ୍ଜାବରେ ୫ରୁ ୭ ଦିନ ହିଟୱେଭ ଅନୁଭୂତ ହୋଇଥିଲା। ଏହି ସମୟରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୮ ଡିଗ୍ରୀ ମଧ୍ୟରେ ରହିଥିଲା। ମେ' ୨୫ ଓ ୨୬ରେ ଆସାମରେ ମଧ ତାପମାତ୍ରା ସବୁ ରେକର୍ଡ ଭାଙ୍ଗି ଥିଲା।

# ନବୀନ ବାବୁଙ୍କୁ ପାଣ୍ଡିଆନ ମୁଣ୍ଡଜାମିନ୍ ରଖିଛନ୍ତି: ହେମନ୍ତ ବିଶ୍ୱଶର୍ମା



କେନ୍ଦ୍ରାପଡ଼ା, ୨୭/୫ (ନି.ପ୍ର): ନବୀନ ବାବୁଙ୍କୁ ଭି.କେ ପାଣ୍ଡିଆନ ମୁଣ୍ଡ ଜାମିନ୍ ରଖିଛନ୍ତି। ଆଜି ଏପରି କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପାଟକୁରାରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଏମିତି କହିଛନ୍ତି। ବିଶ୍ୱଶର୍ମା କହିଛନ୍ତି, ଏ ରାଜ୍ୟକୁ ଯଦି ଭଲ ସରକାର ମିଳେ, ତାହାହେଲେ ଓଡ଼ିଶା ୧ ନମ୍ବର ହୋଇପାରିବ। ଏବେ ଓଡ଼ିଶାର ହାଲତ କ'ଣ ଅଛି ସମସ୍ତେ ଦେଖିପାରୁଥିବେ। କାମ ଧନ୍ଦା ପାଇଁ ଓଡ଼ିଶାର ଯୁବକ ବାହାରକୁ ପଳାଉଛନ୍ତି। ଓଡ଼ିଶାରେ ଥିବା ଶିଳ୍ପରେ ଓଡ଼ିଆ ପିଲାଙ୍କୁ କାମ ମିଳୁନାହିଁ। ଓଡ଼ିଶାର ସଂପଦ ବାହାର ଲୋକଙ୍କୁ ଟ୍ରାନ୍ସଫର କରାଯାଉଛି। ରାଜ୍ୟରେ ୧ ଲକ୍ଷ ଚାକିରି ଖାଲିପଡ଼ିଛି। ଯୁବକଙ୍କୁ ଚାକିରି ମିଳୁନି। ନବୀନ ବାବୁ ଚାହିଁଥିଲେ, ୧ ବର୍ଷରେ ୧ ଲକ୍ଷ ଚାକିରି ଦେଇପାରିଥାନ୍ତେ। ଓଡ଼ିଶାରେ ବିଜେପି ସରକାର ଆସିଲେ ପ୍ରଥମ ବର୍ଷ ୧ ଲକ୍ଷ ଚାକିରି ମିଳିବ। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଛନ୍ତି ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ବିଶ୍ୱଶର୍ମା ଆହୁରି କହିଛନ୍ତି, ଓଡ଼ିଶାରେ ଜଣେ ଲୋକ ରାଜା ମହାରାଜା ଭଳି ବସିଛି। ଓଡ଼ିଶାର ସବୁ ଚାକିରି ପାଣ୍ଡିଆନ ପାଖରେ ରହିଛି। ଓଡ଼ିଶାର ଯୁବକଙ୍କୁ କାହିଁକି ଚାକିରି ଦିଆଯାଉନି? ରତ୍ନଭଣ୍ଡାର ଚାବି ମିଳୁନାହିଁ। ତଦନ୍ତ କମିଶନ ରିପୋର୍ଟ ଚାପିଛନ୍ତି। ମୋର ବିଶ୍ୱାସ ରତ୍ନଭଣ୍ଡାର ଚାବି ପାଣ୍ଡିଆନ ଲୁଚାଇ ରଖିଛନ୍ତି। ପାଣ୍ଡିଆନ ଚାବି ପାତାଳରେ ରଖିଥିଲେ ମଧ ବିଜେପି ଖୋଜି ଆଣିବ। ୪ ଜୁନ୍? ପୂର୍ବରୁ ରତ୍ନଭଣ୍ଡାର ଚାବି ହାଇକୋର୍ଟରେ ଦେଇଦିଅନ୍ତୁ। ନହେଲେ ଆପଣଙ୍କ ହିସାବ ଆମେ ବରାବର କରିଦେବୁ ବୋଲି ବିଶ୍ୱଶର୍ମା କହିଛନ୍ତି। ୫-ଟି ସମ୍ପର୍କରେ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଓଡ଼ିଶାରେ କୌଣସି ଟିମ୍? ୱାର୍କ ଅଛି କି? ଏଠାରେ କେବଳ ଗୋଟିଏ ଟିମ୍ ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କ ଟିମ୍। ଏଠି କୌଣସି କ୍ୟାବିନେଟ ମନ୍ତ୍ରୀ କି ଅଫିସରଙ୍କ ପାୱାର ନାହିଁ। ଏଠି ଗୋଟିଏ ଟି ଅଛି। ସେହି ଟି'ର ନାଁ ତାମିଲନାଡୁ। ୧ ଟଙ୍କା ଲେଖାଏଁ ଚାନ୍ଦା କରି ପାଣ୍ଡିଆନଙ୍କ ପାଇଁ ଟିକେଟ କିଣନ୍ତୁ। ପାଣ୍ଡିଆନଙ୍କ ପାଇଁ ଟିକେଟ କିଣି ତାମିଲନାଡୁ ପଠାଇ ଦିଅନ୍ତୁ। ପାଣ୍ଡିଆନ ନବୀନ ବାବୁଙ୍କୁ ମୁଣ୍ଡ ଜାମିନ୍? କରି ରଖିଛନ୍ତି। ନବୀନ ବାବୁଙ୍କ ମାଇକ କାହିଁକି ପାଣ୍ଡିଆନ ଧରୁଛନ୍ତି? ମାଇକ ଧରି ନବୀନ ବାବୁଙ୍କୁ ନଚାଉଛନ୍ତି ପାଣ୍ଡିଆନ। ନିଜ ଇସାରାରେ ନବୀନ ବାବୁଙ୍କୁ ନଚାଉଛନ୍ତି ପାଣ୍ଡିଆନ। ଯାହା ପାଣ୍ଡିଆନ କହୁଛନ୍ତି, ତାହା କରୁଛନ୍ତି ନବୀନ ବାବୁ ବୋଲି ଶ୍ରୀ ବିଶ୍ୱଶର୍ମା କହିଛନ୍ତି। ସେ କହିଛନ୍ତି, ନବୀନ ବାବୁଙ୍କୁ ଓଡ଼ିଶା ଚାଷୀଙ୍କର କୌଣସି ଚିନ୍ତା ନାହିଁ। ବିଜେପି ସରକାର ଆସିଲେ ଧାନ ଦର ୩୧୦୦ ଟଙ୍କା ହେବ। ବିଜେପି ସରକାର ଆସିଲେ ପ୍ରତି ମହିଳାଙ୍କୁ ୫୦ ହଜାର ମିଳିବ।

# ରାଜଧାନୀରେ ଫୁଟିଲା ବୋମା



ଭୁବନେଶ୍ୱର, ୨୭/୫ (ନି.ପ୍ର): ରାଜଧାନୀରେ ଫୁଟିଲା ବୋମା। ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଅଞ୍ଚଳରେ ଏକ ସ୍କର୍ପିଓ ଉପରକୁ ବୋମା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ବୋମାମାଡ଼ରେ ଗାଡ଼ିର କିଛି ଅଂଶ ଭାଙ୍ଗି ଯାଇଛି। ହେଲେ ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଗତକାଲି ବିଳମ୍ବିତ ରାତିରେ ୪ରୁ ୫ ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ବରମୁଣ୍ଡା ଅଞ୍ଚଳରେ ଥିବା ସ୍କର୍ପିଓ ଉପରକୁ ବୋମାମାଡ଼ କରି ଚମ୍ପଟ ମାରିଥିବା ଜଣାଯାଇଛି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଖଣ୍ଡଗିରି ଥାନା ପୁଲିସ ଗାଡ଼ିକୁ ଜବତ ଘଟଣାର ତଦନ୍ତ କରୁଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ଜଣାଯାଇଛି। ତେବେ ବୋମାମାଡ଼ ହୋଇଥିବା ଗାଡ଼ିଟି କାହାର ତାହା ଜଣାପଡ଼ିନାହିଁ।

# ଅନ୍ତରୀଣ ଜାମିନ୍ ଏକ ସପ୍ତାହ ବଢାଇବାକୁ ସୁପ୍ରିମକୋର୍ଟଙ୍କୁ ଗୁହାରି କଲେ କେଜରିୱାଲ

ନୂଆଦିଲ୍ଲୀ, ୨୭/୫ (ନି.ପ୍ର): ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସୁପ୍ରିମକୋର୍ଟରେ ଏକ ଆବେଦନ ଦାୟର୍ କରି ତାଙ୍କର ଅନ୍ତରିଣ ଜାମିନ୍ ଆହୁରି ଏକ ସପ୍ତାହ ବଢାଇବାକୁ ଗୁହାରି କରିଛନ୍ତି । କେଜରିୱାଲ କହିଛନ୍ତି ଯେ, ତାଙ୍କୁ ଗମ୍ଭୀର ରୋଗ ହୋଇଛି, ଏବଂ ତାଙ୍କର ପିଇଟି- ସିଟି ସ୍କାନ କରାଯିବା ଆବଶ୍ୟକ । ଏଠାରେ ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟ ମଇ ୧୦ ତାରିଖରେ ଅରବିନ୍ଦ କେଜରିୱାଲଙ୍କୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଅନ୍ତରିଣ ଜାମିନ୍ ଦେବା ସହ ଜୁନ୍ ୨ ତାରିଖରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ୍ ସଞ୍ଜୀବ ଖନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଜ ଫଇସଲାରେ କହିଥିଲେ ଯେ, କେଜରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଏବଂ ଏକ ରାଷ୍ଟ୍ରୀୟ ଦଳର ନେତା ଅଟନ୍ତି । ଏହା ମଧ ନିଃସନ୍ଦେହ ଯେ, ତାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲାଗିଛି । କିନ୍ତୁ, ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ ।

# ଲାଞ୍ଚ ନେଉଥିଲେ ପିଇଓ: ମାଡ଼ି ବସିଲା ଭିଜିଲାନ୍ସ

କଳାହାଣ୍ଡି, ୨୭/୫ (ନି.ପ୍ର): ଗାଁ ସାଥୀଙ୍କଠାରୁ ୧୦ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଥୁ. ରାମପୁର ବ୍ଲକ କାଣୀଗୁମ୍ଫା ପଞ୍ଚାୟତର ପିଇଓ ସଂଜୟ ନାୟକ। ପୁଲିସ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛି। କାଗଜପତ୍ର କାମ ପାଇଁ ଗାଁ ସାଥୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ସଂଜୟ। ଏନେଇ ଗାଁ ସାଥୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ସଂଜୟ ଆଜି ସକାଳେ ଜଳେଶ୍ୱର ମନ୍ଦିର ପଡା ନିଜ ବାସଭବନରେ ଲାଞ୍ଚ ଟଙ୍କା ବେଳେ ମାଡ଼ି ବସିଥିଲା ଭିଜିଲାନ୍ସ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୩ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୭/୫: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୮ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି ।

# ରାଜକୋଟ ଗେମ ଜୋନ ଦୁର୍ଘଟଣାରେ ୭ ଅଧିକାରୀ ସସପେଣ୍ଡ

ନୂଆଦିଲ୍ଲୀ, ୨୭/୫ : ଗୁଜରାଟର ରାଜକୋଟର କାଲାୱାଡ ରୋଡରେ ଥିବା ଟିଆରପି ଗେମ ଜୋନ ଦୁର୍ଘଟଣାରେ ୨୮ଜଣ ଲୋକଙ୍କ ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଦୁଇ ପୋଲିସକର୍ମୀଙ୍କ ସମେତ ପ୍ରାୟ ୭ଜଣ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଛି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ଗୃହ ରାଜ୍ୟମନ୍ତ୍ରୀ ହର୍ଷ ସଂଘଭି ଘଟଣାସ୍ଥଳ ପରିଦର୍ଶନ ପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପୂର୍ବରୁ ଗେମ୍ ଜୋନର ମ୍ୟାନେଜରଙ୍କ ସମେତ ୬ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରାଯାଇଛି । ରାଜକୋଟ ଗେମ ଜୋନ ଦୁର୍ଘଟଣାରେ ରାଜ୍ୟ ସରକାର ବଡ ଆକ୍ସନ ନେଇଛନ୍ତି । ଘଟଣା ପାଇଁ ଦାୟୀ ରାଜକୋଟ ମହାନଗର ପାଳିକାର ଆସିଷ୍ଟାଣ୍ଟ ଟାଉନ ପ୍ଲାନର ଗୌତମ ଡି ଜୋଶୀ, ଆସିଷ୍ଟାଣ୍ଟ ଇଂଜିନିୟର ଜୟଦୀପ ଚୌଧୁରୀ, ଡେପୁଟି କାର୍ଯ୍ୟପାଳକ ଇଂଜିନିୟର ପାରସ ଏମ କୋଠିୟା, ରାଜକୋଟ ମହାନଗର ପାଳିକାର ଫାୟାର ଆଣ୍ଡ ଏମରଜେନ୍ସି ସର୍ଭିସେସର ଷ୍ଟେସନ ଅଫିସର ରୋହିତ ଭିଗୋରା, ଆର ଏଣ୍ଡ ବି ବିଭାଗର ଡେପୁଟି ଇଂଜିନିୟର ଏମଆର ସୁମାକୁ ସସପେଣ୍ଡ କରାଯାଇଛି ।

# କେଜ୍ରିୱାଲଙ୍କ ପିଏ ବୈଭବ କୁମାର ନିରାଶ: ମିଳିଲାନି ଜାମିନ



ନୂଆଦିଲ୍ଲୀ, ୨୭/୫ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପିଏ ବୈଭବ କୁମାର ନିରାଶ। ଆପ୍ ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ଘଟଣାରେ ତାଙ୍କୁ ମିଳିନି ଜାମିନ। ଆଜି ଦିଲ୍ଲୀର ତିସ ହଜାରି କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛି। ଏବେ ସେ ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିବେ। ମେ' ୧୩ରେ କେଜ୍ରିୱାଲଙ୍କ ବାସଭବନରେ ମାଲିୱାଲଙ୍କୁ ବୈଭବ କୁମାର ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାର ୫ ଦିନ ପରେ ଗିରଫ ହୋଇ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ଅବଧି ଆସନ୍ତାକାଲି ଶେଷ ହେବ। ଏହାପୂର୍ବରୁ ସେ ଜାମିନ ପାଇଁ ଆବେଦନ କରିଥିଲେ। ଆଜି ଶୁଣାଣି ବେଳେ ମାଲିୱାଲ କୋର୍ଟରେ ହାଜର ହୋଇଥିଲେ। ସେ କୋର୍ଟରେ କାନ୍ଦିବା ସହ ବୈଭବ କୁମାରଙ୍କୁ ଜାମିନ ଦେଲେ ତାଙ୍କ ଜୀବନ ପ୍ରତି ବିପଦ ବଢ଼ିବ ବୋଲି ଯୁକ୍ତି ରଖିଥିଲେ। ସେ କୋର୍ଟଙ୍କୁ କହିଥିଲେ ଯେ ତାଙ୍କୁ ଦଳ(ଆପ୍) ପକ୍ଷରୁ ବିଜେପି ଏଜେଣ୍ଟ କୁହାଯାଉଛି। ଏଥିସହ ୟୁଟ୍ୟୁବର ଧ୍ରୁବ ରାଠୀ ତାଙ୍କ ବିରୋଧରେ ଏକ ପାଖିଆ ଭିଡିଓ ପୋଷ୍ଟ କରି ଚାଲିଛନ୍ତି। ଏହାଦ୍ୱାରା ତାଙ୍କୁ ଦୁଷ୍କର୍ମ ଓ ହତ୍ୟା ଧମକ ମିଳୁଛି। ଯଦି ବୈଭବ କୁମାରଙ୍କୁ ଜାମିନ ମିଳେ ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ମାଲିୱାଲ କହିଥିଲେ। ତେବେ କୁମାରଙ୍କ ଓକିଲ ସ୍ୱାତୀ ମାଲିୱାଲଙ୍କ ବିରୋଧରେ ଅଭିଯୋଗ ଆଣି କହିଛନ୍ତି ଯେ ଯାହା ସବୁ ଘଟିଛି ତାହା ଉଦ୍ଦେଶ୍ୟମୂଳକ।

# ଶ୍ରମିକଙ୍କ ଉପରେ ଚଢ଼ିଗଲା ଗ୍ୟାସ୍ ବୋଝେଇ ଟ୍ରକ

ଜଟଣୀ, ୨୭/୫ (ନି.ପ୍ର): ଗ୍ୟାସ୍ ବୋଝେଇ ଟ୍ରକ୍ ଦୁର୍ଘଟଣାରେ ଜଣେ ଶ୍ରମିକ ମୃତ। ଏଭଳି ଘଟଣା ଘଟିଛି ଜଟଣୀ ହିନ୍ଦୁସ୍ତାନ୍ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ ଡିପୋରେ। କାର୍ଯ୍ୟରତ ଜଣେ ଠିକା କର୍ମଚାରୀଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ଶୃଷ୍ଟି ହୋଇଥିଲା। ପୁଲିସ ପହଞ୍ଚି ଘଟଣାକୁ ନିୟନ୍ତ୍ରଣ କରିଛି। ସୂଚନା ଅନୁସାରେ ଆଜି ସକାଳେ ଜଟଣୀ ଝିଚଉଖ ଡିପୋରେ କାର୍ଯ୍ୟରତ ଠିକା କାର୍ମଚାରୀ ସାଇକେଲରେ ପାଣି ପିଇବା ପାଇଁ ଯାଉଥିଲେ। ସେହିସମୟରେ ଗ୍ୟାସ୍ ବୋଝେଇ ଟ୍ରକଟି ବ୍ୟାକ୍ କରୁଥିଲା। ସାଇକେଲରେ ଯାଉଥିବା କର୍ମଚାରୀଙ୍କ ଉପରେ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ରକ୍ତାକ୍ତ ଅବସ୍ଥାରେ ଶ୍ରମିକ ତଳେ ପଡ଼ିଯାଇଥିଲେ। ତେବେ ଅନ୍ୟ କର୍ମଚାରୀ ମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡେଟିଂ ଆପ୍‌ରେ ହୋଇଥିଲା ଦେଖା, ଓଜଫଙ୍କ ଫ୍ଲାଟରୁ ମିଳିଲା ମହିଳାଙ୍କ ମୃତଦେହ ପରେ ଝିଚଉଖ ଡିପୋ ଭିତରେ ଅନ୍ୟଠିକା କର୍ମଚାରୀ ମାନେ ଧାରଣାରେ ବସିଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୁଲିସ ପହଞ୍ଚି ଶ୍ରମିକ ମାନଙ୍କୁ ବୁଝାସୁଝା କରିବାପରେ ଉତ୍ତେଜନା ଥମିଥିଲା।

# ଅଳ୍ପକେ ବର୍ତ୍ତିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୨୭/୫ : ଅଳ୍ପକେ ବର୍ତ୍ତିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଲୋକଙ୍କ ଅଭିବାଦନ ଗ୍ରହଣ କରୁଥିବା ବେଳେ ରାହୁଲ ଗାନ୍ଧିଙ୍କ ସଭାମଞ୍ଚର କିଛି ଅଂଶ ଦବି ଯାଇଛି। ସେ ଲୋକଙ୍କୁ ହାତ ହଲାଉ ଥିବା ବେଳେ ହଠାତ୍ ମଞ୍ଚଟି ଦବି ଯାଇଥିଲା। ତେବେ ରାହୁଲ ଗାନ୍ଧି ଏଥିରେ କୌଣସି ପ୍ରକାରର ଆହତ ହୋଇ ନାହାନ୍ତି। ବରଂ ମଞ୍ଚ ଦବିବା ସତ୍ତ୍ୱେ ସେ ବିଚଳିତ ହୋଇ ନଥିଲେ। ପୂର୍ବଭଳି ଲୋକଙ୍କ ଅଭିବାଦନ ଗ୍ରହଣ କରି ମଞ୍ଚରେ ଭାଷଣ ଦେଇଥିଲେ। ତାଙ୍କ ସହ ଏହି ସମୟରେ ଲାଲୁ ପ୍ରସାଦ ଯାଦବଙ୍କ ଝିଅ ମିଶା ଭାରତୀ, ପୁଅ ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ସଭା ମଞ୍ଚରେ ରହିଥିଲେ। ପୂରା ଘଟଣା ସୋମବାର ବିହାରରେ ଆୟୋଜିତ ଲୋକ ନିର୍ବାଚନୀ ସଭାରେ ଘଟିଛି। ପାଟନା ଉପକଣ୍ଠ ପଲିଗଞ୍ଜ ଠାରେ ଆରଜେଡି ନେତ୍ରୀ ମିଶା ଭାରତୀଙ୍କ ପାଇଁ ନିର୍ବାଚନୀ ସଭାର ଆୟୋଜନ କରାଯାଇଥିଲା। ଆରଜେଡି ବିରୋଧୀ ମେଣ୍ଟ ଇଣ୍ଡିଆରେ ଥିବାରୁ ରାହୁଲ ଆଜି ସେଠାକୁ ପ୍ରଚାର ପାଇଁ ଯାଇଥିଲା। ମିଶା ଭାରତୀ ଏଥର ପାଟିଳପୁତ୍ର ଲୋକସଭା ସିଟ୍‌ରୁ ନିର୍ବାଚନ ଲଢୁଛନ୍ତି। ରାହୁଲ ଗାନ୍ଧି ସେଠାରେ ପହଞ୍ଚିବା ପରେ ମିଶା ତାଙ୍କୁ ଷ୍ଟେଜ ଉପରେ ରହିଥିବା ତାଙ୍କ ସିଟ୍ ଆଡ଼କୁ ନେଉଥିଲେ। ତାଙ୍କ ପଛରେ ଅସୁସ୍ଥ ଥିବା ତେଜସ୍ୱୀ ଯାଦବ ମଧ ଦୁଇ ଜଣ ସହାୟତାରେ ସିଟ୍ ପାଖକୁ ଯାଉଥିଲେ। ରାହୁଲ ଓ ଅନ୍ୟମାନେ ଆଗକୁ ଯାଉଥିବା ବେଳେ ହଠାତ୍ ମଞ୍ଚଟିର କିଛି ଅଂଶ ଦବି ଯାଇଥିଲା। ରାହୁଲ ମଧ ସାମାନ୍ୟ ନିୟନ୍ତ୍ରଣ ହରାଇଥିଲେ। ଏହା ଦେଖି ମିଶା ଭାରତୀ ତୁରନ୍ତ ରାହୁଲଙ୍କ ହାତକୁ ଧରି ପକାଇଥିଲେ। ରାହୁଲଙ୍କ ସୁରକ୍ଷାକର୍ମୀମାନେ ମଧ ତାଙ୍କୁ ନିୟନ୍ତ୍ରଣ କରିବାକୁ ଦୌଡ଼ି ଆସିଥିଲେ। ହେଲେ ରାହୁଲ ଓ ମିଶା ଭାରତୀୟ ଆଦୌ ବିଚଳିତ ହୋଇ ନଥିଲେ। ଉଭୟ ଠିକ ଥିବା ସୁରକ୍ଷାକର୍ମୀଙ୍କୁ କହିବା ସହ ସ୍ମିତ ହାସ୍ୟ ଦେଇ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏପରି ଘଟଣା ସତ୍ତ୍ୱେ ରାହୁଲ ଗାନ୍ଧି ନିଜର କାର୍ଯ୍ୟକ୍ରମ ଜାରି ରଖିବା ସହ ସେଠାରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧନ କରିଥିଲେ। ଏଥିସହ ମିଶାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।

# ବାଇକ-ଟ୍ରାକ୍ଟର ମୁହାଁମୁହିଁ ଧକ୍କା: ୨ ଗୁରୁତର

ଭୁବନେଶ୍ୱର/ଗଜପତି, ୨୭/୫ (ନି.ପ୍ର): ଗଜପତି ଜିଲ୍ଲା ଅଡବା ଥାନା ଅଡବା ମେଡିକାଲ ସମ୍ମୁଖରେ ବାଇକ ଓ ଟ୍ରାକ୍ଟର ମୁହାଁ ମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଦୁଇ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି ଅଡବା ଡାକ୍ତର । ଗୁରୁତର ଦୁଇଜଣ ହେଲେ କନ୍ଧମାଳ ଜିଲ୍ଲା ବ୍ରାହ୍ମଣଗାଁ ହରଦଗୁଡ଼ା ଗାଆଁର କିଶନ ମଲ୍ଲିକ ଓ ଗଞ୍ଜାମ ଜିଲ୍ଲା ଗୌଡ଼ଗୁଡ଼ା ଗ୍ରାମର ଅର୍ପିତା ମଲ୍ଲିକ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୮ ମଇ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମତଦାନ ହାର ହ୍ରାସ ଚିନ୍ତାଜନକ....

ଚଳିତ ନିର୍ବାଚନରେ ମତଦାନ ହାର ୨୦୧୯ ତୁଳନାରେ ହ୍ରାସ ପାଇଥିବା ଆଲୋଚନା ହେଉଛି। ଗମନାଗମନ, ଯୋଗାଯୋଗ, ସୂଚନା ପ୍ରସାରଣ ବିଦ୍ୟାର ଦିନକୁ ଦିନ ଉନ୍ନତି ଘଟିବା ସତ୍ତ୍ୱେ ମତଦାନ ହାର ହ୍ରାସ ପାଇବା ନିଶ୍ଚୟ ଚିନ୍ତାଜନକ। ମତଦାନ ହାର ହ୍ରାସ ପାଇବା ପଛର କାରଣ ଭାବେ ଭୋଟରମାନଙ୍କ ଆଳସ୍ୟପରାୟଣତା ଓ ଉଦାସୀନତାକୁ ଦାୟୀ କରାଯାଉଛି। ତେଣୁ ଭୋଟରମାନଙ୍କୁ ଉତ୍ସାହିତ କରିବା ପାଇଁ ଭାରତର ମୁଖ୍ୟ ନିର୍ବାଚନ ଆୟୋଗ ନାନାବିଧ ପଦକ୍ଷେପମାନ ନେଉଛନ୍ତି ଏବଂ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ତାରକାମାନଙ୍କ ଦ୍ୱାରା ଭୋଟରମାନଙ୍କୁ,ବିଶେଷକରି ପ୍ରଥମ ଥର ଭୋଟ ଅଧିକାର ପାଇଥିବା ଯୁବବର୍ଗଙ୍କୁ ପ୍ରେରିତ କରିବା ପାଇଁ ଉତ୍ସାହିତ କରୁଛନ୍ତି। ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ବ୍ୟାପକ ବିଜ୍ଞାପନ ମଧ୍ୟ ବାହାରୁଛି। ଏହାସତ୍ତ୍ୱେ ଭୋଟଦାନ ହାର ହ୍ରାସ ପାଇବା ପଛର କେତେକ ବାସ୍ତବବାଦୀ କାରଣ ଖୋଜି ବାହାର କରିବାର ବେଳ ଆସିଛି। ଦେଶରେ ଷଷ୍ଠ ପର୍ଯ୍ୟାୟ ତଥା ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ନିକଟରେ ସରିଛି। ଭୋଟଦାନ ବ୍ୟବସ୍ଥାରେ ଅନେକ ବିଭ୍ରାଟ ଥିବା ବିଶେଷକରି ବିଜ୍ଞାପନ ଓ ବାସ୍ତବତା ଭିତରେ ଅନେକ ପାର୍ଥକ୍ୟ ଥିବା ଅଭିଯୋଗମାନ ଆସୁଛି। ବିଡ଼ମ୍ବନାର ବିଷୟ ହେଉଛି, ଅନେକ ସହରରେ ଆଦର୍ଶ ବୁଥ୍ ଗଠନ କରାଯାଇଥିବା ବେଳେ କେତେକ ସ୍ଥାନରେ ଭୋଟଦାନ କେନ୍ଦ୍ର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ କରାଯାଇଛି। ପୁଣି ଆଉ କେତେକ ଭୋଟଦାନ କେନ୍ଦ୍ରରେ ନିମ୍ନତମ ମୌଳିକ ସୁବିଧା ଯଥା ପିଇବା ପାଣି, ଶୌଚାଳୟ ଆଦି ନଥିବା ମଧ୍ୟ ଦେଖାଯାଇଛି। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ସବୁ ପ୍ରତି ସେତେଟା ଯତ୍ନ ନିଆଯାଇ ପାରିନାହିଁ। ଅତିବରିଷ୍ଠ ଓ ଭିନ୍ନକ୍ଷମ ନାଗରିକଙ୍କ ପାଇଁ ଘରକୁ ଯାଇ ଭୋଟଗ୍ରହଣ କରିବାର ପ୍ରଶଂସନୀୟ ବ୍ୟବସ୍ଥା ନିର୍ବାଚନ ଆୟୋଗ କରିଛନ୍ତି, ଅଥଚ କେମିତି ଏହି ସୁବିଧା ହାସଲ କରାଯାଇପାରିବ ସେ ସମ୍ପର୍କରେ ଭୋଟରମାନେ ଅନେକାଂଶରେ ଅଜ୍ଞ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଭୋଟଦାନ ବ୍ୟବସ୍ଥା ମଧ୍ୟ ଅଧିକାଂଶ ଭୋଟଦାନ କେନ୍ଦ୍ରରେ କାମ କରୁ ନ ଥିବା ଅଭିଯୋଗ ହୋଇଛି। କିନ୍ତୁ ଭୋଟଦାନ ପରି ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ସେମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଛି। ଅନେକେ ମଧ୍ୟ ଧୈର୍ଯ୍ୟଚ୍ୟୁତ ହୋଇ ଭୋଟ ନ ଦେଇ ଅଧାରୁ ଘରକୁ ଫେରି ଆସିଥିବା ଅଭିଯୋଗ କରିଛନ୍ତି। ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ମତରେ ନିର୍ବାଚନ ପାଇଁ ଏତେ ଟଙ୍କା ଖର୍ଚ୍ଚ ହେଉଛି, ଅଥଚ ଭୋଟଦାନ କେନ୍ଦ୍ରମାନଙ୍କରେ ଦିନକ ପାଇଁ ସାମିଆନା/ଚାନ୍ଦୁଆ କିମ୍ବା ଛାୟା ବ୍ୟବସ୍ଥା କରାଯାଇପାରୁନାହିଁ। ଯେଉଁ ରାଜନୈତିକ ଦଳଗୁଡ଼ିକ ପାଇଁ ଭୋଟରମାନେ ଏତେ କଷ୍ଟ ମୁଣ୍ଡାଉଛନ୍ତି ସେମାନଙ୍କର ମଧ୍ୟ ଏହି ସମସ୍ୟା ପ୍ରତି କୌଣସି ଉତ୍ତରଦାୟିତ୍ୱ ଥିବା ପରି ଜଣାପଡୁନାହିଁ। ଭୋଟଦାନ ଆଶାନୁରୂପ ନ ହେବା ପଛର ଆଉ ଏକ କାରଣ ହେଲା ଭୋଟର ତାଲିକାରେ ତ୍ରୁଟି। ଏହି ଅଭିଯୋଗ ବହୁ ପୁରୁଣା। ପୂର୍ବରୁ ପ୍ରାର୍ଥୀମାନଙ୍କ ତରଫରୁ ଘରକୁ ଘର ବୁଲି ଯେଉଁ ଚିରିକୁଟି ବଣ୍ଟାଯିବା କଥା ତାହା ଏଥର ଅଧିକାଂଶ ଅଞ୍ଚଳରେ ଦେଖିବାକୁ ମିଳିନାହିଁ। ଇଣ୍ଟରନେଟ୍‌ରୁ ଖୋଜି ଯେଉଁ ଭୋଟରମାନେ ଭୋଟଦାନ କେନ୍ଦ୍ରକୁ ଯାଇଥିଲେ ସେଠାରେ ସେମାନଙ୍କ ନାମ ଭୋଟର ତାଲିକାରେ ନଥିବାରୁ ନିରାଶ ହୋଇ ଫେରିଛନ୍ତି। ପୁଣି ଗୋଟିଏ ଘରୁ ସ୍ୱାମୀଙ୍କ ନାମ ଗୋଟିଏ ବୁଥ୍‌ରେ ଥିବା ବେଳେ ସ୍ତ୍ରୀଙ୍କ ନାମ ଓ ପିଲାମାନଙ୍କ ନାମ ଅନ୍ୟ କେନ୍ଦ୍ରରେ ରହିଥିବାର ଦେଖାଯାଇଛି। ତେଣୁ ଗୋଟିଏ କେନ୍ଦ୍ରରେ ସ୍ୱାମୀ ଭୋଟ ଦେଇ ସ୍ତ୍ରୀଙ୍କୁ ନେଇ ପୁଣି ଅନ୍ୟ ବୁଥ୍‌କୁ ଯିବା ବେଳକୁ ବେଳ ଗଡ଼ି ଯାଉଛି ଓ ଧାଡ଼ି ଲମ୍ବି ଯାଉଛି। ତେଣୁ ପୁଣି ଥରେ ଲମ୍ବା ଧାଡ଼ିରେ ଖରାରେ ଠିଆ ହେବାକୁ ଅଧିକାଂଶ ଭୋଟର ନାପସନ୍ଦ କରୁଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ବାସିନ୍ଦାଙ୍କୁ ସେହି ଅଞ୍ଚଳର ଭୋଟଦାନ କେନ୍ଦ୍ରରେ ଭୋଟ ଦେବାର ବ୍ୟବସ୍ଥା ନ କରି ଦୂରରେ ଥିବା କେନ୍ଦ୍ରରେ କରିବା ପଛର କାରଣ ମଧ୍ୟ ବୁଝାପଡୁନାହିଁ ବୋଲି ଅନେକେ ମତ ଦେଉଛନ୍ତି। ବୁଥ୍‌ସ୍ତରୀୟ ଅଫିସ କାର୍ଯ୍ୟକର୍ତ୍ତାମାନେ ଅଧିକାଂଶ ସ୍ଥାନୀୟ କର୍ମଚାରୀ ବା ଶିକ୍ଷକ ହୋଇଥିବାରୁ ଭୋଟର ତାଲିକାରେ ଥିବା ଲୋକଙ୍କ ପାଇଁ କେଉଁ ବୁଥ୍‌ଟି ସବୁଠାରୁ ସହଜ ହେବ ତାହା ସେମାନେ ନ ଜାଣି ପାରିବା ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଓ ଅବହେଳା ବୋଲି ଧରାଯିବ। ଏଭଳି ପରିସ୍ଥିତିରେ ମତଦାତା ଜଣକ ଅଭିଯୋଗ କଲେ ମଧ୍ୟ ସଂଶୋଧନମୂଳକ କାର୍ଯ୍ୟକ୍ରମ ନେବା ପାଇଁ କୌଣସି ତାତ୍କାଳିକ ବ୍ୟବସ୍ଥା ନାହିଁ। ନିକଟରେ ଏଭଳି ଗୋଟିଏ ଘଟଣାରେ ରାଜ୍ୟରେ ଗୋଟିଏ ଜିଲ୍ଲା ସଦର ମହକୁମାରେ ଦେଖିବାକୁ ମିଳିଛି।

# ମୋତେ ଯେତେ ମାଠିବୁ ମାଠ ....



### ବିଷ୍ଣୁ ପ୍ରସାଦ ଦାସ

**ପୃଥିବୀର ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷରେ ପ୍ରତି ପାଞ୍ଚ ବର୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହୁଏ , ତାହା ଛଡା ଅନେକ ଉପନିର୍ବାଚନ ମଧ ହୋଇଥାଏ । ନିର୍ବାଚନ ହେଉ କିମ୍ବା ଉପନିର୍ବାଚନ ହେଉ ରାଷ୍ଟ୍ରୀୟ ଦଳ , ଆଞ୍ଚଳିକ ଦଳ ତଥା ଅନେକ ଛୋଟ ବଡ଼ ଦଳର ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରି ଚିରାଚରିତ ଢଙ୍ଗରେ ନିର୍ବାଚନରେ ଅନ୍ୟ ଦଳ ସହିତ ଲଢ଼ି / ପ୍ରତିଯୋଗିତା କରି ଜିତିବାର ଆଶା ନେଇ ନିଜର ରଣ କୌଶଳ ନିର୍ଧାରଣ କରି ଥାନ୍ତି ।**

ପୃଥିବୀର ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷରେ ପ୍ରତି ପାଞ୍ଚ ବର୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହୁଏ , ତାହା ଛଡା ଅନେକ ଉପନିର୍ବାଚନ ମଧ ହୋଇଥାଏ । ନିର୍ବାଚନ ହେଉ କିମ୍ବା ଉପନିର୍ବାଚନ ହେଉ ରାଷ୍ଟ୍ରୀୟ ଦଳ , ଆଞ୍ଚଳିକ ଦଳ ତଥା ଅନେକ ଛୋଟ ବଡ଼ ଦଳର ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରି ଚିରାଚରିତ ଢଙ୍ଗରେ ନିର୍ବାଚନରେ ଅନ୍ୟ ଦଳ ସହିତ ଲଢ଼ି / ପ୍ରତିଯୋଗିତା କରି ଜିତିବାର ଆଶା ନେଇ ନିଜର ରଣ କୌଶଳ ନିର୍ଧାରଣ କରି ଥାନ୍ତି । ଭାଇ ! ଆପଣ ମାନେ ଦେହକୁ ନେବେ ନାହିଁ , କେତେଗୁଡିଏ ଅପ୍ରିୟ ସତ୍ୟ କହିବାକୁ ଯାଉଛି । ନିକଟ ଅତୀତରେ ନିର୍ବାଚନ ସରିଗଲା, ଆଗକୁ ଆହୁରି ଅନେକ ନିର୍ବାଚନ, ଉପ ନିର୍ବାଚନ ଆସୁଛି, ସେ ଯେ କୌଣସି ନିର୍ବାଚନ ହେଉ ସେଥିରେ କିଛି କ୍ଷମତା ହାସଲ କଲେ ଆଉ କେତେକ ଆଶାୟୀ ନିଜର ପରାଜୟ ସ୍ୱୀକାର କଲେ ଏହାତ' ଏକ ସାଧାରଣ କଥା ଏଥିରେ ନୂତନତ୍ୱ କିଛି ନାହିଁ , ସବୁ ଦଳ ବା ସବୁ ପ୍ରାର୍ଥୀ ତ' ଆଉ ଜିତିବେ ନାହିଁ ? ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ସବୁ ଦଳ ତଥା ନିର୍ଦ୍ଦଳୀୟ ଆଶାୟୀ ତତ୍ପରତା ପ୍ରକାଶ କରିବା ସ୍ୱାଭାବିକ କଥା , କେତେ କଳ୍ପନା ଜଳ୍ପନା ଆଉ ରଙ୍ଗୀନ ସ୍ୱପ୍ନ ଭରା ଅଶାର ବୈତରଣୀ ନଦୀ ପାରିହେବା ପାଇଁ ସମସ୍ତେ ଚଞ୍ଚଳ ଆଉ ଜିତିବାର ଏକ ଖସଡ଼ା ପ୍ରସ୍ତୁତ କରିବାରେ ବ୍ୟସ୍ତ ଥାନ୍ତି । ନିର୍ବାଚନ ଆୟୋଗଙ୍କ ନିୟମ ଭିତରେ ରହି ପ୍ରାର୍ଥୀମାନେ ନିଜ ପ୍ରାର୍ଥୀପତ୍ର ଦାଖଲ ଆଉ ନିର୍ବାଚନ ଚିହ୍ନ ପାଇବା ପରେ ପୋଷ୍ଟର ଛପା ତଥା ବିଭିନ୍ନ ନିର୍ବାଚନୀ ବିଜ୍ଞାପନ ଦ୍ୱାରା ସର୍ବସାଧାରଣ ସ୍ଥାନକୁ ଏପରି ଭାବେ କରାୟତ କରି ନିଅନ୍ତି ଯେ, ତାହା ବେଳେ ବେଳେ ଅତି ଅସହ୍ୟ ହୋଇ ପଡେ । ବିଜୁଳିବତି ଖୁଣ୍ଟ, ଘରଦ୍ୱାର , ଗଛ ଲତା , ଛକ ଜାଗାର ଟ୍ରାଫିକ ସଂକେତ, ଛକ, ପାର୍କ ତଥା ଆଖିରେ ପଡୁଥିବା ଜାଗା ଉପରେ ଥିବା ମନୀଷୀ ମାନଙ୍କ ପ୍ରତିମୂର୍ତ୍ତି , ପଥ ପ୍ରଦର୍ଶକ ଫଳକ , ଶିକ୍ଷାନୁଷ୍ଠାନ , ବସ, ଟ୍ରକ , ଅଟୋ, କାର, ରେଳଗାଡ଼ି, ଫୁଟପାଥ୍ , ପ୍ରାଚୀର , ରାଜ ରାସ୍ତା ଯେଉଁଠି ଦେଖିବେ ଖାଲି ପୋଷ୍ଟର ଆଉ ଦଳୀୟ ପ୍ରଚାରରେ ବ୍ୟବହୃତ ସାମଗ୍ରୀରେ ରଙ୍ଗାୟିତ ହୋଇ ଯାଇଥାଏ । ନିର୍ବାଚନ ଆୟୋଗଙ୍କ କ'ଣ ନିର୍ଦ୍ଦେଶ ରହିଛି ତା' ତ' ସାଧାରଣ ଜନତା ଜାଣି ନାହାନ୍ତି, ତେବେବି ଯଦି ଜାଣି ବିରୋଧ କଲେ ହୁଏତ ତାଙ୍କୁ ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡିବା ଭୟରେ ପ୍ରାୟ ନୀରବ ଦର୍ଶକ ସାଜିବାକୁ ସାଧୁ ଜନେ ଶ୍ରେୟ ମଣି ଥା'ନ୍ତି । ପ୍ରାର୍ଥୀ ମାନେ ଦଳ , ବଳ, କଳା କୌଶଳ ଦେଖାଇ ନିଜ ଜୀବନକୁ ମଧ ସମୟ ସମୟରେ ବାଜି ଲଗାଇ ଦେବାକୁ ପଛଘୁଞ୍ଚା ଦେଇ ନଥା'ନ୍ତି । ଖାଲି ପୋଷ୍ଟର ,ବ୍ୟାନର, ହୋର୍ଡ଼ିଂଗ ପରେ ପ୍ରଚାର ପାଇଁ ବ୍ୟବହୃତ ଡ଼ାକବାଜି ଯନ୍ତ୍ର, ଅତି ଉଚ୍ଚ ଶବ୍ଦ କରୁଥିବା ଡ଼ିଃ ଜେ ସୁସ୍ଥ ବ୍ୟକ୍ତିର କର୍ଣ୍ଣକୁ ଖୁବ୍ କଷ୍ଟ ଦିଏ , ବୟସ୍କ ବ୍ୟକ୍ତି , ରୋଗୀ ଏହି ଛାତି ଥରା ଶବ୍ଦରେ ତ୍ରାହି ତ୍ରାହି ଡାକ ଦିଅନ୍ତି ତଥା ମାନସିକ ଭାରସାମ୍ୟ ହରାଇବାର ବି ନଜିର ଅଛି, କିନ୍ତୁ ପ୍ରାର୍ଥୀ ମାନଙ୍କର ଏଥି ପ୍ରତି ଭ୍ରୂକ୍ଷେପ ନଥାଏ । ନିର୍ବାଚନୀ ପ୍ରଚାର ପାଇଁ ଅନେକ ତାରକା ପ୍ରଚାରକ , ଅତି ଉଚ୍ଚ ପଦାଧିକାରୀ , ନେତା , ମନ୍ତ୍ରୀ, ନିଜର ରାଜ କାର୍ଯ୍ୟ ଛାଡ଼ି ପ୍ରାଣପଣେ ନିଜ ଦଳର ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରଚାର କରିବାରେ ନିଜକୁ ସମର୍ପିତ କରିଦେଇ ଥା'ନ୍ତି , ଆଛା କୁହନ୍ତୁ ତ ଯଦି ଜଣେ କର୍ମଚାରୀ ଅଫିସ କାମ ନ'କରି ଅନ୍ୟ କାମ କରୁଛି ତେବେ ତା'କୁ ଛୁଟି ନେବାକୁ ହୁଏ, ନଚେତ ଦରମା କଟିଯାଏ କିନ୍ତୁ ଏହି ନେତା ମନ୍ତ୍ରୀ ମାନେ କ'ଣ ଛୁଟିନେଇ ପ୍ରଚାର ପାଇଁ ଯାଆନ୍ତି କି? ତା'ଙ୍କ ଦଳୀୟ ପ୍ରଚାର ପାଇଁ ସର୍ବସାଧାରଣ ଙ୍କ ଟିକସ ପଇସାରୁ ଦରମା , ଭତ୍ତା ନେଇ ରାଜ କାର୍ଯ୍ୟକୁ ପଛରେ ପକାଇବା କେତେଦୂର ଯୁକ୍ତିଯୁକ୍ତ ? ସେମାନଙ୍କ ସୁରକ୍ଷା ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି, ସେମାନଙ୍କ ପାଇଁ ରାସ୍ତା ଘାଟ ଘଣ୍ଟା ଘଣ୍ଟା ବନ୍ଦ ରହିବା କେତେ ଦୂର ନ୍ୟାୟ ସଂଗତ ? ଦଳୀୟ କର୍ମୀ ତଥା କିଛି ସ୍ଥାନରେ ଅସାମାଜିକ ବ୍ୟକ୍ତି ବିଶେଷ ଏହାର ସୁଯୋଗ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି , ପ୍ରଚାର ସମୟରେ ଅନେକ ସ୍ଥାନରେ ଦଙ୍ଗା,ମୃତାହତ ହେବାର ଖବର ମଧ ସର୍ବଦା ମିଳୁଛି । ଗୋଟିଏ ଦଳରୁ ଦଳ ବିରୋଧୀ କାର୍ଯ୍ୟ, ଅପରାଧିକ କାର୍ଯ୍ୟ କରି ତଡା ଖାଇଥିବା ପ୍ରାର୍ଥୀଙ୍କୁ ଅନ୍ୟ ଦଳ ଫୁଲ ମାଳ ଦେଇ ନିଜ ଦଳରେ ସାମିଲ କରନ୍ତି, ଜାଣେନା ଏହା କେଉଁ ପ୍ରକାର ନିୟମ ତଥା ଗୁଣ୍ଡା, ବଦମାସ, ଅପରାଧୀଙ୍କୁ ନେଇ ଦଳର ବଳ ବଢାଇବାର କୌଶଳ । ଏପରି ଦଳ, ଏପରି ପ୍ରାର୍ଥୀ, ଏପରି ସରକାର ଆମ ପାଇଁ କେତେ ନ୍ୟାୟ ଏବଂ ଶାସନ ଦେବାରେ ସଫଳ ହେବ? ଜନତାଙ୍କୁ ଦିନରେ ଲଣ୍ଠନ ଦେଖାଇ କେଉଁ ଦଳ କେତେ ମାଗଣା ଦେବେ ତାର ମଧ ତାଲିକା ପ୍ରସ୍ତୁତ ହୁଏ ତଥା ବହୁଳ ପ୍ରସାରିତ ହୁଏ , ଜନତା ସେଥିରୁ ଯିଏ ଯାହା ବୁଝିଲେ ତାହା ଆଡକୁ ଭୋଟର ସୁଅ ଛୁଟି ଚାଲେ । ଏହି ପରିପ୍ରେକ୍ଷୀରେ ଛୋଟ ଗଳ୍ପ ଟିଏ ମନେ ପଡ଼ିଯାଏ, ଥରେ ଜଙ୍ଗଲର ରାଜା ସମସ୍ତ ପଶୁ ପକ୍ଷୀ ମାନଙ୍କୁ ଡକାଇ ସଭାଟିଏ କରି ନିଜର ପ୍ରଶଂସା ନିଜେ ଗାନ କରି ଚାଲିଥିଲେ କାରଣ ଏହା ଦ୍ୱାରା ସେ ତାଙ୍କର ସ୍ଥିତି ତଥା ରାଜ ଗଦ୍ଦି କୁ ସୁରକ୍ଷା ଦେଇ ପାରିବେ , ସର୍ବ ଶେଷରେ ଆଗାମୀ ଶୀତ କାଳକୁ ନଜରରେ ରଖି ପଶୁ ପକ୍ଷୀ ମାନଙ୍କୁ ମାଗଣାରେ ଗୋଟିଏ ଗୋଟିଏ କମ୍ବଳ ଦାନ କରିବାକୁ ଘୋଷଣା କରିଦେଲେ, କରତାଳିରେ ସଭାସ୍ଥଳ ଉଚ୍ଛୁଳି ଉଠିଲା ରାଜାଙ୍କର ଜୟ ଜୟକାର ହେଲା । ପଛରେ ବସିଥିବା ଗୋଟିଏ ବୁଢା ମେଣ୍ଢା ତାଙ୍କର ମେଣ୍ଢା ଦଳକୁ ଡାକି କହିଲେ ଆରେ ମୂର୍ଖ ମାନେ ରାଜା ଯେଉଁ କମ୍ବଳ ଦେବେ ସେହି କମ୍ବଳ ପାଇଁ ଦିନେ ତୁମ ମାନଙ୍କୁ ତୁମର ଦେହର ଲୋମ ଦେବାକୁ ବାଧ କରା ହେବ ଏବଂ ତୁମେ ନିଜ ଲୋମ ଇଚ୍ଛା ବିରୁଦ୍ଧରେ ଦାନ କରିବାକୁ ବାଧ ହେବ , ବୁଣାକାର କମ୍ବଳ ବୁଣିବାକୁ ବାଧ ହେବେ ଆଉ ରାଜା ମାଗଣା କମ୍ବଳ ବାଣ୍ଟି ବାଃ ବାଃ ନେବେ । ଏ'କଥାର ତାତ୍ପର୍ଯ୍ୟ କ'ଣ ସେଇଟା ଜନତା ବୁଝିବେ ନିଶ୍ଚିତ । ତେଣୁ ପ୍ରତ୍ୟେକ ମାଗଣା ପଛରେ ଥିବା ଇତିହାସ ତଥା ଭବିଷ୍ୟତକୁ ପୁଙ୍ଖାନୁ ପୁଙ୍ଖ ତର୍ଜମା କରିବା ଜନତାଙ୍କର କାର୍ଯ୍ୟ ନତୁବା ମେଣ୍ଢା ପଲ ପରି ନିଜର ସର୍ବସ୍ୱ ଦେଇ ମାଗଣା ଜିନିଷରୁ କ'ଣ ଲାଭ ମିଳିବ? ଟେଲିଭିଜନରେ ଗୋଟିଏ ଗୋଟିଏ ବିଜ୍ଞାପନକୁ ଏକଘଣ୍ଟା ଭିତରେ ଦଶ ଥରରୁ ମଧ ବେଶୀ ଦେଖାଉଥିବା ପରି ଅବସ୍ଥା , ଦର୍ଶକ କ'ଣ ଏତେ ଶୀଘ୍ର ଭୁଲି ଯାଉଛନ୍ତି ଯେ, ତୁମେ ଟଙ୍କା ଲୋଭରେ ବିଜ୍ଞାପନକୁ ଏତେ ଥର ପୁନଃ ପ୍ରସାରଣ କରୁଛ ? ଏହା ଦର୍ଶକଙ୍କୁ ଆଖିରେ ଆଙ୍ଗୁଳି ଗେଞ୍ଜି ଲୁଟିବା ଛଡା କିଛି ନୁହେଁ, ଦର୍ଶକଙ୍କ ବିଜୁଳି ବିଲ ବଢୁଛି , ଦର୍ଶକଙ୍କ ଉପରେ ଏହାର କୁପ୍ରଭାବ ନିଶ୍ଚିତ ପଡୁଛି । ଲୋକ କ'ଣ ଜାଣି ନାହାନ୍ତି ଯେ, କିଏ କ'ଣ ଆଉ କୋଉ ଦଳ / ଦଳୀୟ ପ୍ରାର୍ଥୀ ଭଲ କି ଖରାପ ? ନିର୍ବାଚନୀ ପ୍ରଚାର ଚାଲିଥାଏ , ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କୁ ଟିକେ ଶାନ୍ତିରେ ଏମାନେ ରଖିବାକୁ ଦେଇ ନଥା'ନ୍ତି । ଏବେ ମୋବାଇଲ ଫୋନ୍ କୁ ମଧ ଅନେକ ଥର କଲ୍ ଆସୁଛି ଅମୁକକୁ ଭୋଟ ଦିଅ । ଏହା ଉପରେ କ'ଣ କଟକଣା ଲାଗି ପାରିବ ନାହିଁ ? ଜନତା ଅତିଷ୍ଠ ହୋଇ ଶେଷରେ 'ନୋଟା' କୁ ଭୋଟ ଦେଇ ଦେଉଛନ୍ତି । ଆଜିକାଲି ଶିକ୍ଷିତ ବା ଅଶିକ୍ଷିତ ସବୁ ଆଶାୟୀ ପ୍ରାର୍ଥୀଙ୍କ କାର୍ଯ୍ୟ କଳାପ ଏକ ପ୍ରକାର । ଚୌକି ଏବଂ କ୍ଷମତା ଲୋଭ ପାଇଁ ମାନବିକତା ଶୂନ୍ୟ ବଳ ପ୍ରୟୋଗ, ମିଥ୍ୟାର ଆଶ୍ରୟ, ସତ୍ୟ କୁ ଜାଣିଶୁଣି ଲୁଚାଇବା, ଅନ୍ୟାୟ ଉପାୟରେ ଭୋଟରଙ୍କୁ ଆକର୍ଷିତ କରିବା, ପାରିବାରିକ ରାଜନୀତିକୁ ପ୍ରଶ୍ରୟ ଏକ ସାଧାରଣ ବିଷୟରେ ପରିଗଣିତ ହେଲାଣି । ଗୁଣୀ ଜ୍ଞାନୀ କେତେଜଣ ଏହାକୁ ବିରୋଧ କରୁଛନ୍ତି ?

(କ୍ରମଶଃ)

# ରାଜନୀତିରେ ଜଗନ୍ନାଥ



### କାଳି ଦାସ

ଦେଶରେ ନିର୍ବାଚନ ଚାଲିଥିଲା ବେଳେ ଆମେ ଭିର୍ନ୍ନ ଭିର୍ନ୍ନ ଦଳର ରାଜନେତାଙ୍କୁ ନିଜର ବିରୋଧୀଙ୍କ ପାଇଁ ଅଗ୍ନି ଉଦ୍ଗାର କରିବା ଦେଖୁଛୁ ଓ ଶୁଣୁଛୁ। ସ୍ଥାନ ବିଶେଷରେ ହିଂସା ମଧ ଲକ୍ଷ କରାଯାଉଛି। ଦୁଃଖର ବିଷୟ ଏହି ଯେ ଯେଉଁ ରାଜନେତା କିଛି ଦିନ ପୂର୍ବରୁ ଅନ୍ୟଦଳ ପାଇଁ ବିଷ ଉଦଗାର କରୁଥିଲେ ଆଜି ସେହିନେତା ସେହି ଦଳର ସଦସ୍ୟତା ନେଇ ସେହି ଦଳର ଟିକେଟ ରେ ନିର୍ବାଚନ ଲଢୁଛନ୍ତି ।

ଭୋଟର କାଲି ମଧ ନିଷ୍କ୍ରିୟଥିଲେ ଆଜି ମଧ ନିଷ୍କ୍ରିୟ ଅଛନ୍ତି। ରାଜନେତା କେଉଁଠାରୁ ଏହି ମନବଳ ପାଉଛନ୍ତି କେଜାଣି। ଜନତାଙ୍କ ଆଗରେ ସମୟ ସମୟ ରେ ନିଜର ଚେହେରା ବଦଳାଇ ଚାଲିଛନ୍ତି ଜନତା ସେମାନଙ୍କର ଏହି ଯୁ ଟର୍ଣ୍ଣ ପାଇଁ କେବେ ବି ବ୍ୟସ୍ତ ନୁହନ୍ତି। ଦଳ ବଦଳ କରିଥିବା ନେତା କାଲିର ବିରୋଧୀଙ୍କୁ ଗଳାରେ ଲଗାଇ ଏମିତି ବୁଲୁଛନ୍ତି ଲାଗୁଛି ସତେ ଯେମିତି ସେମାନଙ୍କ ଭିତରେ କେବେ ବି ବିରୋଦ୍ଧାଭାସନଥିଲା। କିଏ ତାଙ୍କୁ ଏ ସାହାସ ଦେଇଛି ? ଏ ହି ସାହାସ ଦେଇଛେ ଆମେ,ଏ ଦେଶର କୋଟି କୋଟି ଜନତା। ଆମେ ସେହି ନେତାଙ୍କୁ କେବେ ବି ବହିଷ୍କାର କରୁନାହୁଁ ଯେଉଁ ମାନେ କ୍ଷମତା ପାଇଁ ନୈତିକତାକୁ କୌଣସି ମୂଲ୍ୟ ଦେଉ ନାହାନ୍ତି।

ନିଜର ମହାନତା ଦେଖାଇବା ଓ ଅନ୍ୟକୁ ନ୍ୟୁନ କରିଦେବା ପାଇଁ ରାଜନେତା ମାନେ କେବେ ହେଲେ ପଛ ଘୁଞ୍ଚା ଦେଉନାହାନ୍ତି।ନିଜର ପ୍ରଶଂସା ଓ ଅନ୍ୟକୁ ସମାଲୋଚନା କରୁ କରୁ ଏତେ ଯାଏଁ ପହଞ୍ଚି ଯାଇଛନ୍ତି ଯେ ସେମାନଙ୍କର ନିଜ ବକ୍ତବ୍ୟ ଉପରେ ମଧ ନିୟନ୍ତ୍ରଣ ରହୁନାହିଁ। ବିଗତ ଦିନ ପୁରୀ ବିଜେପିର ଲୋକସଭା ପ୍ରାର୍ଥୀ କହୁ କହୁ ଏହା ମଧ କହିଦେଲେ ଯେ "ଜଗନ୍ନାଥ ମୋଦୀଙ୍କର ବଡ ଭକ୍ତ" କଥାଟି କହିଦେଲା ପରେ ବକ୍ତାଙ୍କ ଉପରେ ବିରୋଧୀଙ୍କ ବାକ୍ୟ ବାଣ ଚାଲିଲା। ପାର୍ଥୀ ଜଣଙ୍କ ନିଜ ଭୁଲ ପାଇଁ କ୍ଷମା ପ୍ରାଥନା ମାଗିଲେ। ମୁହଁ ରୁ ଭୁଲରେ ବାହାରିଗଲା ବୋଲି ମଧ କହିଲେ ଏବଂ ଏମିତି ଏକ ଅପରାଧ ବା ଭୁଲ ତାଙ୍କ ଠାରୁ ହୋଇ ଯାଇଛି ବୋଲି ମଧ ତାର ପ୍ରତିକାର ପାଇଁ ତିନିଦିନ ଉପବାସ କରିବାର ସଂକଳ୍ପ ମଧ କଲେ।କ୍ଷମା ମାଗିବା, ପ୍ରାୟଶ୍ଚିତ କରିବା ଏକ ସୁନ୍ଦର ଅଭିବ୍ୟକ୍ତି। ଅନ୍ୟକୁ କ୍ଷମା କରି ପାରିବା ମଧ ଉଦାରତାର ନିଦର୍ଶନା କ୍ଷମା ମାଗିବା ଏବଂ କ୍ଷମା କରିପାରିବା ଦୁଇଟି ଯାକ ମହାନଗୁଣ ।

ପ୍ରେତ୍ୟେକଙ୍କ ଜୀବନରେ ଅନେକ ସମୟରେ କିଛିନା କିଛି ଭୁଲ ହୋଇଯାଇଥାଏ।ନିଜର ଭୁଲକୁ ମାନିନେବାଠାରୁ ବଡକଥା ଆଉକଣ? ଆମ ଦେଶର ରାଜନୀତିରେ କ୍ଷମଣୀୟ ଅପରାଧ ବୋଲି କିଛି ନାହିଁ। ବିଜେପିର ଏହି ନେତା ଅନେକ ସମୟରେ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି। ବିରୋଧୀଙ୍କ ଭୁଲ ପାଇଁ ସେମାନଙ୍କୁ କଡା କଥା ଶୁଣେଇଛନ୍ତି। ଆଗକୁ ବିରୋଧୀ ଦଳର କୌଣସି ନେତାଙ୍କ ଦ୍ୱାରା ଯଦି ଏମିତି ଏକ ଅପରାଧ ହୋଇଯାଏ ତାହେଲେ ଆଜିର ଏହି ବିଜେପି ନେତା କଣ ତାଙ୍କୁ କ୍ଷମା କରିପାରିବେ? ଆଜି ଜଣେ ବିରୋଧୀ ନେତା ଏମିତି ଏକ ଅପରାଧ ଯଦି କରିଥାନ୍ତେ ଏବଂ ସେହିନେତା ଜଣକ ଯଦି କ୍ଷମା ମାଗିଥାନ୍ତେ ତାହେଲେ ବିଜେପି କଣ ତାକୁ ଇସୁ ନ କରି ଛାଡିଥାନ୍ତା? ବିଗତ ଦିନ ବିହାର ରେ ନିତିଶ କୁମାରଙ୍କ ଶିକ୍ଷାମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ରାମଚରିତ ମାନସ ଉପରେ ଏକ ବକ୍ତବ୍ୟ ଆସିଥିଲା ଯେଉଁଥିରେ ସିଏ ରାମ ଚରିତ ମାନସକୁ ପୋଟାସିଅମ ସାଇନେଡ ସହିତ ତୁଳନା କରିଥିଲେ। ବିହାରର ଶିକ୍ଷାମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ନେଇ ବିଜେପି ନିତିଶ କୁମାର ଓ ଇଣ୍ଡିଆ ଗଠବନ୍ଧନ ଉପରେ ବର୍ଷିଥିଲା। ଯେତେବେଳେ ନିତିଶ କୁମାର ପୁଣିଥରେ ଏନଡିଏରେ ସାମିଲ ହୋଇଗଲେ ବିଜେପି ତାର ବିରୋଧ ଭୁଲିଗଲା। ନିତିଶଙ୍କ ଶିକ୍ଷା ମନ୍ତ୍ରୀ ସନାତନ ଧର୍ମ କୁ ଅପମାନିତ କରିଛନ୍ତି କହୁଥିବା ବିଜେପି ହଠାତ ବିହାରର ଶିକ୍ଷାମନ୍ତ୍ରୀଙ୍କ ଭିତରେ କୋଣସି ଭୁଲ ଦେଖିପାରିଲା ନାହିଁ।

ରାମଚରିତ ମାନସର ସୃଷ୍ଟି ସାଧାରଣ ଲୋକଙ୍କ ପାଇଁ। ସେ ସମୟ ରେ ସମାଜରେ, ଯେଉଁମାନେ ସଂସ୍କୃତି ପଢି ପାରୁନଥିଲେ ବା ବୁଝିପାରୁନଥିଲେ ସେମାନଙ୍କ ପାଇଁ ରାମଚରିତ ମାନସ ଲେଖା ଯାଇଥିଲା । ସେ ସମୟରେ ସାଧାରଣ ଲୋକ ମାନେ ରାମଚରିତ ମାନସ ପଢି ପାରୁଥିଲେ କାରଣ ତାହା ସରଳ, ସାବଲୀଳ ଏବଂ ସାଧାରଣ ଲୋକଙ୍କ ଦ୍ୱାରା ଯେଉଁ ଭାଷା କଥୋପକଥନ ରେ ବ୍ୟବହାର କରାଯାଉଥିଲା ସେଥିରେ ଲେଖା ଯାଇଥିଲା। ତୁଳସୀଦାସ ଭରନାକୁଳର ଆୱାଧି ଭାଷାରେ ତାକୁ ଲେଖିଥିଲେ।

ଭରନାକୁଳର ଆୱାଧି ଭାଷା ସେ ସମୟର ସାଧାରଣ ଲୋକ ବୁଝିପାରୁଥିଲେ। ପ୍ରତ୍ୟେକ ସମାଜରେ କିଛି ନା କିଛି କୁରିତି ରହିଛି। ସାଧାରଣ ଲୋକେ ଏହି କୁରିତି ସହିତ ବଞ୍ଚିଥାନ୍ତି କିନ୍ତୁ ଦିନେ ନା ଦିନେ ଏହି କୁରିତିକୁ ତ ଆମେ ତ୍ୟାଗ କରିବା ।

ପୁରୀର ବିଜେପି ପ୍ରାର୍ଥୀଙ୍କ ସ୍ଲିପ ଅଫ ଟଙ୍ଗକୁ ନେଇ ଯେଉଁ ବିବାଦ ମୁଣ୍ଡ ଟେକିଛି ତାକୁ ସବୁ ଗୁଡିକ ରାଜନୈତିକ ଦଳ ନିଜର ଅସ୍ତ୍ର କରି ବିଜେପିକୁ ଘେରୁଛନ୍ତି । ସେହିପରି ଅନ୍ୟ ରାଜନୈତିକ ଦଳଙ୍କ ମୁହଁ ରୁ ଭୁଲ ରେ ବାହାରିଥିବା ଶବ୍ଦକୁ ବିଜେପି ମଧ ନିଜର ଅସ୍ତ୍ର କରୁଛି । ବିଜେପି ସବୁବେଳେ ହିନ୍ଦୁ ଧର୍ମ ଏବଂ ଦେବଦେବୀଙ୍କୁ ଧରି ରାଜନୀତି କରିଛି ଓ ଅନ୍ୟକୁ ଘେରିଛି । ହିନ୍ଦୁ ଧର୍ମ କ୍ଷମତା ପାଇ ବା ପାଇଁ ଏକ ମାଧମ ନ ହେବା କଥା । ହିନ୍ଦୁ ଧର୍ମ ହେଲା ମାନବିକତାର ଧର୍ମ । ହିନ୍ଦୁ ଧର୍ମକୁ ନିନ୍ଦା କରୁଥିବା ଲୋକମାନେ ହିନ୍ଦୁ ଧର୍ମକୁ ଠିକ ଭାବରେ ବୁଝିପାରିନାହାନ୍ତି ସେହିପରି ହିନ୍ଦୁ ଧର୍ମକୁ ପ୍ରଶଂସା କରୁଥିବା ଲୋକମାନେ ହିନ୍ଦୁ ଧର୍ମକୁ ଠିକ ଭାବରେ ବୁଝିନାହାନ୍ତି ।

+ ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯ ?




## କେମିତିକା ପାଠ ଇଏ

### ନିରଞ୍ଜନ ସାହୁ



ବହି ପାଠ ଠାରୁ ଦୁନିଆର ପାଠ
ଅଲଗା ଅଲଗା ଲାଗେ
ଏମିତି ଫରକ କାହିଁକି ହୁଅଇ
ଏ ମନରେ ପ୍ରଶ୍ନ ଜାଗେ ।

ବହିରେ ବଢିଆ କଥା ଲେଖାଅଛି
ମନକୁ ତ ଭାରି ପାଏ
ସେହି ଅନୁସାରେ କାମ କରିବାକୁ
କାହିଁକି ଇଚ୍ଛା ନ ଥାଏ
କାହିଁପାଇଁ ଲୋକେ ଅମାନିଆ ହୋଇ
ବଞ୍ଚନ୍ତି ଆପଣା ବାଗେ ?

ବହିର ପୃଷ୍ଠାରେ ଲେଖା ହୋଇଅଛି
କେତେ ଉପଦେଶ ବାଣୀ
ସେ ସବୁକୁ ମାନି ଚଳିବା ଉଚିତ
ଏକଥା ମନକୁ ଆଣି
ନୀତିନିୟମରେ ଚଳିବା ଉଚିତ
ଏକଥା ମାନନ୍ତୁ ଆଗେ ।

ଆଜିକାଲି ଯିଏ ଯେତେ ଶିକ୍ଷାପ୍ରାପ୍ତ
ଅରଜିଛି ସେତେ ଜ୍ଞାନ
କାମରେ ପ୍ରୟୋଗ କରିବା ବେଳକୁ
ସେଥିରେ ନ ରଖେ ଧ୍ୟାନ
ପାଠପଢା ଜ୍ଞାନ ଭୁଲି ସେ ଅଜ୍ଞାନ
ଅପରକୁ ବୁଦ୍ଧି ମାଗେ ।

ସେଥିପାଇଁ ଏହି ଦୁନିଆରେ ନିତି
ନାନାଦି ସମସ୍ୟା ବଢେ
ଅଯଥାରେ ନାନା ତର୍କବିତର୍କରେ
ଜଣେ ସାଥେ ଆନ ଲଢ଼େ
କଥା କଟାକଟି ହୋଇ ପିଟାପିଟି
ଜଳନ୍ତି ଆପଣା ରାଗେ ।

+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
(ମୋ) ୯୯୩୮୭୪୧୫୮୩

## କିଛି ଲୋକ

### ସିଦ୍ଧେଶ୍ୱର ତ୍ରିପାଠୀ

କିଛି ଲୋକ କାମ ଥିଲେ ଫୋନ କରନ୍ତି
ମେସେଜ କରନ୍ତି କଥା ହୁଅନ୍ତି
ସେ କଥା ପୁଣି ଭାରି ମିଠା ।
ସେଇ ଲୋକ
ତୁମକୁ ଗହଳିରେ ଚିହ୍ନି ପାରନ୍ତିନି
ତୁମ ଫୋନର କି ମେସେଜର
ଉତ୍ତର ଦିଅନ୍ତିନି ।
ସେମାନେ ହସନ୍ତି
ତୁମ ହସ ତାଙ୍କୁ ଭଲନୁହଁ
ସେମାନେ ବସନ୍ତି
ତୁମ ପାଇଁ ଚଉକିଟେ ପଡିଲେ
ତାଙ୍କ ଆଖିରେ ନିଆଁ ।
ତୁମେ ତଳକୁ ଖସିଲେ
ସିଏ ଭାରି ଖୁସି
ତୁମ ବେକରେ ଫୁଲମାଳ ପଡିଲେ
ସିଏ ଭାରି କଲବଲ ।
କିଛିଲୋକ ଟଙ୍କା ପଇସା ନେଲେ ଆଉ
ଫେରାନ୍ତିନି
ଦୁଃଖରେ ସୁଖରେ ଆସନ୍ତିନି
ତୁମକୁ କେବେ ଭଲ ପାଆନ୍ତିନି
ଖାଲି ଭଲ ପାଇବାର
ଅଭିନୟ କରନ୍ତି ଯାହା ।

+କୁଣ୍ଡିଲୋ ଖୋର୍ଦ୍ଧା

## ନୂତନ ସମ୍ଭାବନା

### ରଶ୍ମୀ ସାମଲ



ଖୋଜୁଛି ଆଜି ସେ ଦିନର ଚିହ୍ନକୁ
ଯାହା ଥିଲା ମୋ ଆଖିର ଆଇନାରେ
ଶବ୍ଦ ସବୁ ଯେପରି ବହୁଥିଲା
ଦେହର ଶିରା ପ୍ରଶିରାରେ
ଲିନ ହୋଇଛି ସେ ଦିନ ବାର
ଆଉ ତାରିଖ।

ସୁଦୂର ଆକାଶରୁ ଉଡ଼ିଆସି
ବାନ୍ଧିଥିଲା ବସା
ଉଡୁଥିଲା ମଧୁର ପବନେ
ଅଲରା କେଶସବୁ
ଅଧରର ସ୍ମିତହାସ୍ୟ ବିଞ୍ଚୁଥିଲା
ଆଶା ଓ ଭରସା
ଅନୁଭବ ହେଉଥାଏ ପରସ୍ପର
ଭଲ ପାଇବାର ସ୍ୱର
ନିଶ୍ୱାସର ଉଷ୍ମତାରେ
ଖେଳୁଥିଲା ଖୁସିର ଲହଡି
ଶୁଭୁଥାଏ ମନ ଫୁଲାଣିଆ ଗୀତସବୁ।

ସମୁଦ୍ରରୁ ଅଦିନିଆ ଝଡ ଆସି
ଭାଙ୍ଗିଦେଲା ବସା
ମିଛ ରାଇଜରେ ହଜିଗଲା ଶବଦର
ଗୁନ୍ଥା ମାଳ ସବୁ
ଅଥଳ ସମୁଦ୍ର ଢେଉର ପାଣି ଛିଟାରେ
ତିନ୍ତି ଥିଲା ପାଦଠୁ ମଥା ଯାଏ
ଯନ୍ତ୍ରଣା ଲୁଚି ଥାଏ ପତ୍ର ଆଡୁଆଳେ
କିନ୍ତୁ ନଥାଏ ଆଉ ସେ
କୋଇଲିର ମିଠା ସ୍ୱର
କି ସେ ଆମ୍ବ ବଉଳର ବାସ୍ନା।

ଠିକ ବୁଝିହେଲା,
ଶ୍ରଦ୍ଧା ଓ ବିଶ୍ୱାସରେ ଯେବେ
ସ୍ୱାର୍ଥପରତାର ଲାଗିଗଲା ଡେଣା
ଆଉ ରହିଲାନି ତାର ଆଦି ଅନ୍ତ
ଦୂରତ୍ୱର ସୀମା ଲମ୍ବିଗଲା
କୋଉ ଦୂର ଦିଗବଳୟ
କଳା ହାଣ୍ଡିଆ ବାଦଲ ଯାଏ
ଏୟା ଭିତରେ ଚାଲି ଗଲାଣି
କେତେ ଖରା ବର୍ଷା ଶୀତ କାକର
ମନଟା ତଥାପି ଅବୁଝା ହେଉଛି।

ଅପେକ୍ଷାରେ ପଡିଗଲା
ଏକ ବିରାଟ ପୂର୍ଣ୍ଣଚ୍ଛେଦ
ମନର ପାଦ ଚିହ୍ନ ଆପେ ବଦଳିଗଲା
ମୁହାଁଇଲା ଅନ୍ୟ ଏକ ଦିଗକୁ
ଯେଉଁଠାରେ ଫୁଟିଛି
ଅନେକ ତାରା ଫୁଲ
ଉଇଁ ଆସୁଛି ପୂର୍ଣ୍ଣମୀର ଗୋଲ ଚାନ୍ଦ
ଆଉ ଏକ ନୂତନ
ସମ୍ଭାବନାକୁ ନେଇ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

## ଆସିଅଛି ନିର୍ବାଚନ

### ଜୟନ୍ତ କୁମାର ମଲ୍ଲିକ୍



ମଦ ମାଉଁସର ସୁଅ ଛୁଟୁ ଅଛି
ଆସିଅଛି ନିର୍ବାଚନ -
ନେତା କୁଜିନେତା
ଅନ୍ଧାରରେ ବିଜେ
କରୁଛନ୍ତି ଘନଘନ,
ରାତି ସାରା ବୁଲି ଆରକ୍ଷୀ ବାହିନୀ
ଗଣ୍ଡଗୋଳ ରୋକିଥାନ୍ତି -
କଳା କାରନାମା କରୁଥିବା ଲୋକ
ତାଙ୍କୁ ଦେଖି ଲୁଚିଯାନ୍ତି,
ଚିରୁକୁଟି ସହ ଟଙ୍କା ବାଣ୍ଟି ବାଣ୍ଟି
ଭୋଅଟ ମାଗନ୍ତି ଥୋକେ -
ଆଉ କିଛି ବାନା ଖାଲି ଦୋହଲନ୍ତି
ମାରି ଦେଇ ମାଲ୍ ଢୋକେ,
ଭୋକ ଶୋଷ ସାଥେ
ନିଦ ହଜିଯାଏ
ନିର୍ବାଚନ ପୂର୍ବ ରାତେ -
କେହି କେହି ବୁଲି ଶପଥ କରାନ୍ତି
ଦେଇ ନିରିମାଲ୍ୟ ହାତେ।

+ଶୂରଡିହ, ନନ୍ଦିପପୁର,
ଦଶରଥପୁର, ଯାଜପୁର
ମୋ -୯୪୩୭୮୬୫୭୨୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୮ ମଇ ୨୦୨୪, ମଙ୍ଗଳବାର



# କବିତାମାଳା

## ଯୁଦ୍ଧ ଓ ନାରୀ
### ଜ୍ଞାନେନ୍ଦ୍ର ପଣ୍ଡା



ଯୁଦ୍ଧ ଲଢ଼ିଲୁ ଆମେ
ସନ୍ଧ୍ୟାରେ ପକ୍ଷୀ ଫେରିନି ବୋଲି
ଜଙ୍ଗଲ ଲହୁଲୁହାଣ,
କୋଳକୁ ଛୁଆ ତା' ଫେରିନାହିଁ ଯେ
ମା' ଆଖିରେ ଶୁଖୁନାହିଁ ଲୁହ ।

ସୁନା, ରୂପା, ହାତୀ, ଘୋଡ଼ା,
ସୈନ୍ୟ, ଭୂ-ଖଣ୍ଡ, ଟଙ୍କା ପଇସା ଦେଇ
ଥରେ ଥରେ କିଛି ସମୟ ପାଇଁ
ବିରାମ ଲାଗେ ଯୁଦ୍ଧରେ
କେହି ପଚାରି ବୁଝେନାହିଁ ସ୍ତ୍ରୀ'ର ହୃଦୟ
ହାତରୁ ହାତକୁ ନିର୍ଜୀବ ବସ୍ତୁ ପରି
ଯୁଦ୍ଧ ସନ୍ଧିରେ ହସ୍ତାନ୍ତର ହୁଏ ନାରୀ ।

ଯୁଦ୍ଧରେ ହାରେନାହିଁ ଦେଶ
ଯୁଦ୍ଧରେ ହାରିଯାଏ ମା' ମାଟି,
ହାରିଯାଏ ନାରୀ ।

ହିଂସା, କାମନାର ଅନ୍ତ ନ'ଥାଏ
ତଥାପି ନିରନ୍ତର ଯୁଦ୍ଧ ଲଢ଼େ ମଣିଷ ।

ଗୁଳିଗୋଳା ବାରୁଦର ବିପଣୀ ଭିତରେ
ଉଲଗ୍ନ ନାରୀ ଦରଦାମ୍ ହୁଏ, ନିଲାମ୍
ବସେ ।
ଗୋଟିଏ ଗୋଟିଏ ଦିନାର୍ ମୂଲ୍ୟରେ
ବଜାରର ପଣ୍ୟ ଦ୍ରବ୍ୟ ପରି
କିଣାବିକା ହୁଏ ସ୍ତ୍ରୀ ।

ଥରକୁ ଥର କେବଳ
ନାରୀ ହିଁ ହାରୁଥାଏ ଯେତେଯାକ
ଯୁଦ୍ଧ ହୁଏ,
କେତେଥର ଯୁଦ୍ଧରେ ଶବ ହେଲାପରେ ବି
ନାରୀ ଦେହ ପ୍ରତି ପାଶବିକତାର
ଅନ୍ତ ନ'ଥାଏ ।

♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର

## ନିଃସଙ୍ଗ ସଂଳାପ
### ଡ. ଶ୍ରୀଧର ସାମଲ



ପ୍ରତ୍ୟୟରେ ତୁମେ
ସ୍ପନ୍ଦନରେ ତୁମେ..
ପଲକରେ ତୁମେ
ପ୍ରତୀକ୍ଷାରେ ତୁମେ..

ନାୟିକା ତୁମେ
ଖଳନାୟିକା ବି ତୁମେ..
ମୁଁ କିନ୍ତୁ ନିର୍ବୋଧ,
ବୁଝିପାରେନି ତୁମର
ଅସ୍ମିତା କି ପରିଭାଷା..
ବରଂ ଲେଖିଚାଲେ
ଅବୋଧ କବିତା...

ଭେଦି ପାରେନି ରହସ୍ୟ
ଅଭିମନ୍ୟୁ ହୋଇ ଯୁଝୁଥାଏ..
ସପ୍ତରଥିଙ୍କ ସହ,
ଚକ୍ରବ୍ୟୁହରେ ପଡ଼ି...
ଭୋଗୁଥାଏ ଯାତନା
ମୁକୁଳି ପାରେନି
ଶତଚେଷ୍ଟା କରି,
ବୁଝିପାରେନି ବୋଲି
ବନ୍ଧନର ଗହନ ରହସ୍ୟ
ଶରବିଦ୍ଧ ହେଉଥାଏ
ଅତ୍ୟାଚାରୀ କୌରବ ହାତରେ ।

'ତମେ' ଡାକରେ
ତରଳିଯାଏ ବରଫ ଖଣ୍ଡ..
ଫୁଲରେ ଭରିଯାଏ ମହକ
ଜନ୍ମରୁ ଲିଭିଯାଏ କଳଙ୍କ..
ବୟସରେ ଲାଗିଯାଏ
ବିରାମ ଚିହ୍ନ...
ସ୍ୱପ୍ନରେ ଲାଗିଯାଏ ଡେଣା
ଉଜାଣି ବହେ ଯମୁନାର ଜଳ..

ମୁଁ କିନ୍ତୁ ନିର୍ବିକାର
ପାଏନି ଥଳକୂଳ...
ଭାସୁଥାଏ ଲକ୍ଷ୍ୟଭ୍ରଷ୍ଟ
ନାଆଟିଏ ହୋଇ
ଏ କୂଳରୁ ସେ କୂଳ
ତୁମ ମନସ୍କ ହୋଇ...
ଭୁଲିଯାଏ ଠିକଣା ନିଜର
ଦିଗହରା ହୋଇ...
ମଝି ଦରିଆରେ ଗଣୁଥାଏ ତାରା
ଅନ୍ଧାର ରାତିରେ ।

ତଥାପି କାହିଁକି
'ତୁମେ' ଶବ୍ଦର କୁହୁକରେ..
ଆନମନା ହୁଏ ମନ,
ବାରମ୍ବାର ଭୂତ ହୋଇ
ସବାର ହୁଏ ପିଠିରେ...
ଅଶରୀର ହୋଇ ପ୍ରବେଶ କରେ,
ଯେତେ ଦେହ କିଳିଲେ ବି
ମୋତେ କରୁଥାଏ ଅଣାୟତ୍ତ
ମୋ ସତ୍ତା ଓ ସଂଯତତାକୁ
ପ୍ରତିହତ କରି ମୋ ଅସ୍ତିତ୍ୱ
ଉପରେ ଲାଗିଯାଏ
ବଡ଼ ପ୍ରଶ୍ନ ଚିହ୍ନ...।

♥ ସମ୍ପାଦକ,
ମୌସୁମୀ ସାହିତ୍ୟ ପରିଷଦ, କେନ୍ଦ୍ରାପଡ଼ା
ମୋ: ୯୪୩୭୬୦୭୯୯୭

## ଲୋଡା ନାହିଁ ମିଛ ପ୍ରଶଂସା ପତ୍ର
### ଡାଃ ମନୋରଞ୍ଜନ ଦାଶ



ଗଛର ଡାଳ ଉପରେ ଚଢ଼ି
ଆକାଶକୁ ହାତ ବଢ଼େଇବାର ଆସ୍ପର୍ଦ୍ଧା,
କେବଳ ପତନ ଅଭିମୁଖୀ ।

ସେମାନେ କେବେ ବି ସତସତିକା
ବିଭୋର ହୋଇପାରନ୍ତିନି ପ
ଦେଖି ସବୁଜ ଧାନକ୍ଷେତ,
କୋଇଲିର ସ୍ୱର କି
ଆକାଶର ଛାତିରେ ତାରାମାନଙ୍କ
ମେଳରେ ଜହ୍ନ ।
ଅନ୍ୟର ତ୍ୟାଗ ଓ ତିତିକ୍ଷାରେ ପ୍ରଶଂସା କି
ପ୍ରଶଂସାପତ୍ର ପରଶି ପାରନ୍ତିନି,

ନଥାଏ ତାଙ୍କର ଚଉଡା ଛାତି ।
ସ୍ୱାର୍ଥପରର ଅଗଣାରେ ଭାବନ୍ତି,
ନିଜକୁ ବାଦଶାହା ।
ସବୁବେଳେ ଖାଲି ପାଇବାର ଆତୁରତା ....

ଅନ୍ୟପଟେ ନିଟୋଳ କବିଟିଏ କିନ୍ତୁ
ତା ଚେତନାର ନଦୀକୂଳରେ
ତା କାବ୍ୟ ନାୟିକା ସହିତ
ନୀରବ ଓ ବିଭୋରରେ
ଜୀବନକୁ ପଢି
ସ୍ମୃତି ସାଉଁଟୁଥାଏ ।

ମିଛିମଛିକା ଫୁଲତୋଡ଼ା କି ପ୍ରଶଂସାରେ
ନ ଥାଏ ତାର ମନ.....
ପ୍ରଶ୍ନ ପଚାରେ ସେ ନିଜକୁ!
ଆତ୍ମୀୟତା ଏଠି କାହିଁ ?
କାହିଁ ହୃଦୟଟିଏ ?
ସିଏ ନୀରବତାକୁ ଆଙ୍କୁଥାଏ,
ମନ କାନଭାସ୍‌ରେ ।
ଆଉ କେତେକାଂଶ କୁହନ୍ତି ,
ସିଏ ଏବେ ଅପାଂକ୍ତେୟ ଟିଏ ।

♥ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
(ମୋ) ୯୪୩୭୩୧୭୭୨୨

## ଫୁଲର ପରବ
### ପ୍ରଦ୍ୟୁମ୍ନ ପଟ୍ଟନାୟକ



ପ୍ରେୟସୀ ଚିଠିରେ ଲେଖିଛି ସେଠାରେ
ଫୁଲର ପରବ ଚାଲିଛି
ପଳାଶ ଶିମିଳି ସୁନାରି ରଙ୍ଗରେ
ଗାଆଁ କି ସୁନ୍ଦର ଦିଶୁଛି ।

ମଲ୍ଲୀ ମାଳତୀର କୁଞ୍ଜରୁ ସଂଜରେ
ମଧୁର ମହକ ଛୁଟୁଛି
କୃଷ୍ଣଚୂଡ଼ା ଲୁଚି ପତ୍ର ଗହଳରୁ
ଫୁଟିବ ଫୁଟିବ ହେଉଛି
ମହୁଲ ଫୁଲର ମହୁଆ ନିଶାରେ
ବାଉଳା ପବନ ବହୁଛି ।

କେଡ଼େ ସରାଗରେ ଗଛ ଉହାଡରୁ
କୋକିଳ ଆକୁଳେ ଗାଉଛି
ତା ମଧୁ କୂଜନେ ମନ ଉପବନେ
ନବ ଶିହରଣ ଜାଗୁଛି
ବାଡି ବଗିଚାର ଗଛର ଡାଳରେ
ଆମ୍ବ ଓ ପଣସ ଝୁଲୁଛି ।

ସରିବା ଆଗରୁ ରଙ୍ଗ ମଉଛବ
ଯିବା ପାଇଁ ରାଣ ଦେଇଛି
କି ଅବା କହିବି ଅବୁଝା ପ୍ରିୟାକୁ
ବିରହ ବକୁଳ ଝରୁଛି
ସହରରେ ଥରେ ବାଟ ବଣା ହେଲେ
ଆଉକେ ଗାଆଁ କୁ ଫେରୁଛି ।

♥ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬



## ପ୍ରେମ
### ସୁଚରିତା ମହାନ୍ତି



ତାଙ୍କରି ପ୍ରେମ ରେ ମୁଁ ଏବେ ମସଗୁଲ୍
ସେମାନେ ଭିଜନ୍ତି,
ଭିଜାନ୍ତି ଘଡ଼ିଏ କି ଦି' ଘଡ଼ି ନୁହେଁ ।
ମୋ ପ୍ରେମ ର ପରିଧି ଭିତରେ
ଅଛ କେଇ ଜଣ ହାତ ଗଣତି ମଣିଷ
ବାକିସବୁ ପାହାଡ଼,ପର୍ବତ,
ଝରଣା,
ନଦ, ନଦୀ
ବୃକ୍ଷ, ଲତା,
ପଶୁ, ପକ୍ଷୀ ।
ମୋତେ କେହି ଚିହ୍ନି ନଥିଲେ,
ଜାଣି ନଥିଲେ,
ତଥାପି ସେମାନେ ମୋତେ ଆଦରି ନେଲେ
ତାଙ୍କରି କୋଳକୁ,
କେବେ ଆକାଶ, କେବେ ମାଟି ।

ମାଟି ଉପରେ ପାଦ ଥାପିଦେଲେ
ମାଟି ମୋ ପାଦକୁ ଜାବୁଡ଼ି ଧରେ
ମା' ତା' ଛୁଆ କୁ ଛାତିରେ
ଜାବୁଡ଼ି ଧରିବା ପରି,
ହଁ ସେ ପରା ମା'
ମାଟି ମୋର ମା'।

ଖୋଲା ଆକାଶ ତଳେ
ମୁଁ ଯେବେ ଠିଆ ହୋଇଯାଏ
ସେ ଅଜାଡ଼ି ଦିଏ
ଖରା, ବର୍ଷା, ଶୀତ, କାକର
ପୁଣି କେବେ ଛାଇ
ମୋ ମନ କଥା ତାଙ୍କୁ ଜଣା ବୋଲି
ତାଙ୍କ ପ୍ରେମ ମୋ ପାଇଁ
ପାଲଟି ଯାଇଚି ମହାପ୍ରସାଦ।

ସେମାନେ ମୋ ପାଇଁ ଈଶ୍ୱର ଈଶ୍ୱରୀ
ଲଭିଚି ମୁଁ ସ୍ୱର୍ଗୀୟ ଆନନ୍ଦ ।

ପ୍ରେମର ରଂଗ ଏମିତି ବି
ଗାଢ଼ ହୋଇପାରେ
ପବିତ୍ର ହୋଇପାରେ
କସ୍ତୁରୀ ପରି ମହକି ଯାଇ ପାରେ ।

ସେ 'ପ୍ରେମ'ରେ ମୋକ୍ଷ ପ୍ରାପ୍ତିର
ସ୍ୱୀକୃତି ଲଭି ପାରେ ।

♥ ମାହାଙ୍ଗା, କଟକ
ମୋ:୮୯୧୭୫୭୧୨୦୨

## କୃଷ୍ଣଚୂଡ଼ା
### ଡକ୍ଟର ମନୋରଞ୍ଜନ ବିଷୋୟୀ



ବସନ୍ତ ହଜିଛି
ବୈଶାଖ ଫେରିଛି
ତା' ସ୍ପର୍ଶରେ କୃଷ୍ଣଚୂଡ଼ା
ନବବଧୂ ସାଜିଛି ।

ନାଲି ଓଢଣୀରେ
ରୂପ ଲାବଣ୍ୟରେ
ଲାଗେ ସ୍ୱର୍ଗର ପରୀ
ମର୍ତ୍ତ୍ୟକୁ ଓହ୍ଲାଇ ଆସିଛି ।

ପ୍ରିୟତମ ନିଦାଘର ସ୍ପର୍ଶ
ପାଇବା ନିମନ୍ତେ
କେତେ ଯେ ସେ
ସାଧନା କରିଛି ।

ନିଦାଘର ଏହି
ଦାରୁଣ ଅରୁଣେ
ଦଗ୍ଧ ହୋଇ ବି
ନାଲି ଓଠେ ତା'ର ହସୁଛି ।

ବିଧାତାର ସୃଷ୍ଟି
ଅପରୂପ ଭେଟି
ତା' ବିଭବ ଠାଣିରେ
ସଭିଙ୍କୁ ମୁଗ୍ଧ କରୁଛି ।

ଦିନ ଗଡ଼ି ଏବେ
ତେଜ ବଢୁଅଛି
ଜ୍ୟେଷ୍ଠର ବି ଆଗମନ
ଘଟିସାରିଛି ।

ତଥାପି କୃଷ୍ଣଚୂଡ଼ା
ସତେଜ ରହି
ନାଲି ରଙ୍ଗେ ତା'ର
ସଭିଙ୍କ ମନ ମୋହୁଛି ।

ଆଷାଢ଼ ଆସିଲେ
ତା' ରଙ୍ଗ ଧୋଇଯିବ
ଏ କଥା ସେ ଜାଣି ସୁଦ୍ଧା
ରଙ୍ଗେଇ ହେଉଛି ।

ପ୍ରତିକୂଳ ପରିସ୍ଥିତିରେ
କିପରି ବଞ୍ଚିହୁଏ ଜୀବନ
ଏ ବାର୍ତ୍ତା କୃଷ୍ଣଚୂଡ଼ା
ଆମକୁ ଦେଉଛି ।

♥ ଦାମୋଦରପୁର,
ଗଂଜାମ
ମୋ: ୮୮୯୫୧୪୧୭୨୭

## ଧର୍ମଅଧର୍ମର ଯୁଦ୍ଧ !
### ଅଜିତ କୁମର ରାଉତ



ଧର୍ମ ଅଧର୍ମର ଯୁଦ୍ଧ !!
ଚାଲିଛି ଦେଶର
ଦେଖୁଛି ଜନତା
ଦୃଶ୍ୟ କରେ ମନ୍ତ୍ର ମୁଗ୍ଧ !

ଚହଳ ଗହଳ
କାହିଁ ଗଣ୍ଡଗୋଳ
ପୁଣି, ଜନ ହୁଏ ସ୍ତବ୍ଧ !!

ପରିବାରବାଦ
କରୁଛି ତାଣ୍ଡବ
ତିଳେ ନାହିଁ ସମଭାବ !

ଶାସକ ଶାସନ
ଆସିବ ରାଷ୍ଟ୍ରର
ଥିବ ଜନସେବା ଭାବ !!

ସତ୍ୟର ବିଜୟ
ଅବଶ୍ୟ ହୋଇବ
ଶୁନ୍ୟ ହେବ ଷଡ଼ଯନ୍ତ୍ର !

ରାମାଙ୍କ କରୁଣା
ସତ୍ୟରେ ପଡ଼ିବ
ଭୋଟ ପରା ଲୋକତନ୍ତ୍ର !!

ନୂଆ ସରକାର
ସମୃଦ୍ଧ ଭାରତ
କରିବ ଟି ବିଶ୍ୱ ଗୁରୁ !

ଜୟଧ୍ୱନୀ ହୁଏ
ସମ୍ପୂର୍ଣ୍ଣ ବିଶ୍ୱରେ
ରାମରାଜ୍ୟ ସ୍ୱପ୍ନ ପୁରୁ !!

ଭୋଟ ଦେବା ଭାଇ
ସତ୍ୟ ପକ୍ଷ ଜାଣି
କରିବରେ ଧର୍ମ ରକ୍ଷା !

ରାଷ୍ଟ୍ରର ଗୌରବ
ଭରି ଦେବ ଆଣି
କରିବ ରାଷ୍ଟ୍ର ସୁରକ୍ଷା !!

♥ ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା, ଖରସୁଆଁ

## ଜାଣିକି ଅଜଣା ସେହି
### ଭାସ୍କର ରାଉତ



ବିକାଶର ଦ୍ୱାହି ଦେଇ ବକ୍ଷକୁ ବିଦାରେ,
ଶିଳ୍ପର ନାମରେ ଏଠି ଅଙ୍ଗାରକ ଭରେ।
ପର୍ଯ୍ୟଟନ ବିକାଶରେ ସବୁଜିମା ମରେ
ସିମେଣ୍ଟର ଜଙ୍ଗଲରେ ଶୀତଳତା ହରେ।

ଉତ୍ତାପ ଟା ବଢ଼ିଯାଏ ପ୍ରବଳ ବେଗରେ
ଋତୁଚକ୍ର ଭାଙ୍ଗିଯାଏ ଧରଣୀ କାତରେ।
ଧ୍ୱଂସ ମୁଖେ ଜୀବଗଣ ବିକାଶ ଆଗରେ
ତଥାପି ଏ ମଣିଷଟା ବୁଝିବି ନପାରେ।
ବନ୍ଧା ପଡ଼ିଅଛି ଯନ୍ତ୍ର ଦାନବ ପାଖରେ
ଅତି ଜ୍ଞାନୀ ପଣେ ଖେଳେ
ମୃତ୍ୟୁ ସହିତରେ।

ନଜର ଜିଭକୁ ନିଜେ କାଟୁଅଛି ସେହି
ପ୍ରତିବାଦ କରିବାକୁ କିଛି ଲୋଡ଼ା ନାହିଁ।
ଯେସାକୁ ତେସା ନୀତିରେ କରିବା ଆଦର
ବିକାଶକୁ ଭୁଲି ଜଙ୍ଗଲକୁ ରକ୍ଷାକର।

♥ ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
ମୋ: ୯୭୭୬୪୮୬୬୨୮

## ସମାପ୍ତର ଶେଷ ଅଙ୍କ
### ଲକ୍ଷ୍ମୀପ୍ରିୟା ସାହୁ



ଏଇ ...!
ସେମାନେ ତ ଆଉ ଫେରିଲେନି
ଯୋଉ ମାନେ ଚାଲିଗଲେ
ଅଭିନୟ ଶେଷ କରି ?
ମନେଅଛି ...!
ସେମାନେ କହୁଥିଲେ
ଠିକ୍ ଏମାନଙ୍କ ପରି...
ଏ ଗାଡ଼ି ମୋର, ଏ କୋଠା ମୋର
ଏ ଆକାଶ ମୋର...ଏ ଜମି ବି ମୋର
ହେଲେ କାହିଁକି ପାରିଲେନି ତ...
ନିଜ ଦେହ ଆଉ ପ୍ରାଣଟାକୁ
ଆପଣାର କରି ?
ଦେଖିଛ ...କେମିତି ଛାଡ଼ିଗଲା ରଙ୍ଗ
ତାଙ୍କ ସତେଜ ମୁହଁରୁ
କେମିତି ଲିଭିଗଲା କଜଳ
ତାଙ୍କ ତଳ ଦୁଇ ପତା ଆଖି ଧାରରୁ
କେମିତି ଧୋଇଗଲା ନାଲି ଲେପ
ତାଙ୍କ ଦୁଇ ସ୍ନିଗ୍ଧ ଓଠରୁ ?

କୁଆଡେ ଲୁଚିଗଲା ଦେଖ ତାଙ୍କ ଗାରିମା
ତାଙ୍କ ଅହଂକାର
ତାଙ୍କ ପ୍ରତିପତ୍ତି ପଣିଆ
ଦେହ ମୁହଁ ଚିହ୍ନ ବର୍ଣ୍ଣ !

କହୁନ...!
ଦେଖିଛ କି ଦରମା ନେଲା ଭଳି
ସେମାନେ ଥଳିରେ କିଛି ଲୁଚେଇ
ନେଇଗଲେ କି ଯିବାବେଳେ ?
କିନ୍ତୁ ମୁଁ ତ ଦେଖିଛି
ସେମାନେ କିଛି ନେଲେନି
ଧନ ଜନ ଜ୍ଞାନ ଗୌରବ
ଲାଜ ଲଜ୍ୟା ସବୁ ଛାଡ଼ିଗଲେ
ଶେଷରେ ଲଙ୍ଗଳା ହୋଇ
ନିଆଁରେ ପୋଡ଼ି ଭସ୍ମୀଭୂତ ହେଲେ।

ଏଥର ଆମର ପାଳି
ଚାଲନା ସେମାନଙ୍କ ପରି ନହେଇ
ଏବେ ନିଜକୁ ଟିକେ ସୁଧାରିବା
ନିଜକୁ ବଡ଼ ନ ଭାବି
ଅଦୃଶ୍ୟରେ କେହି ଜଣେ
ଆମ ଉପରେ ଅଛି ବୋଲି ତାଙ୍କ
ନିର୍ଦ୍ଦେଶରେ
ଆମେ ଏକ ସାମାନ୍ୟ କ୍ରୀତଦାସ
ଭାବିନେବା।

♥ ସମ୍ପାଦିକା -'ଅନ୍ତରୀକ୍ଷ
ବଗଡା, କେନ୍ଦ୍ରାପଡା

## ହସୁଥିଲା ମୁରୁକି ମୁରୁକି
### ଦେବାଶିଷ ସିଂହ



ଅନୁଭବର ଝରକା ଫାଙ୍କରେ
ସୁନ୍ଦର ଫୁଲ ସବୁ ସାଉଁଟିଲା ବେଳେ
ତୁମର ସେଇ ଦୁଇ ଆଖିରେ
ଦେଖୁଥିଲି ନିଜ ମୁହଁ

ଭାବନାର ଶିଖର ପ୍ରଦେଶରେ
ଦୁଇଟୋପା ଲୁହକୁ ଚିବୁକରେ
ଅଟକାଇବାର ପ୍ରଚେଷ୍ଟା ବ୍ୟର୍ଥ
ହେଉଥିବା ବେଳେ....

ହସିବାର ଅଭିନୟ..
ବିଦ୍ରୁପର ପୃଷ୍ଠା ପରେ ପୃଷ୍ଠା
ଓଲଟାଇ
ସ୍ୱପ୍ନିଳ ନୟନର କଜଳକୁ
ନିକଟରେ ପାଇ

ଅନବରତ ପଢୁ ନଥିଲା
ଆଖିର ପଲକ
ହୁଏତ ହୋଇପାରେ
ଏହା ଏକ ଅପରୂପ
ଲାବଣ୍ୟର ଝଲକ....

ଦୁଇ ଓଠର ନାଲି ପାଖୁଡ଼ା ଭିତରେ
ଦେଉଥିଲା ନିଜକୁ ହଜାଇ
ଖୋଜି ପାଇବାର ଆଶା ନେଇ
ନିମିଷକେ ଉଭାନ ଉଡାଣକୁ ଚାହିଁ

ଅକୁହା ଭାଷାରେ କହୁଥିଲା
ଆଖିରେ ଆଖିରେ...
କିଛି ଭାବି ଭାବି
ହସୁଥିଲା ମୁରୁକି ମୁରୁକି....

♥ ସହଦେବଖୁଣ୍ଟା
ବାଲେଶ୍ୱର

# ହୋମ୍ ଓ ପୋଷ୍ଟାଲ୍ ଭୋଟିଂ ପ୍ରକ୍ରିୟା ଜାରି: ଭାଗନେଲେ ଗଣମାଧ୍ୟମ ପ୍ରତିନିଧି

କେନ୍ଦ୍ରାପଡ଼ା, ୨୭/୫ (ନି.ପ୍ର): ଜିଲ୍ଲାରେ ଜାରି ରହିଛି ହୋମ୍ ଭୋଟିଂ ଓ ପୋଷ୍ଟାଲ୍ ବାଲାଟ୍ ପ୍ରକ୍ରିୟା। ସମ୍ପୂର୍ଣ୍ଣ ଗୋପନୀୟତା ରକ୍ଷା ସହ ପ୍ରଥମ ଦିନରେ ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ବର୍ଗରେ ମୋଟ୍ ୨୧୬ଜଣ ଜଣ ଭୋଟର୍ ମତଦାନ କରିଥିବା ବେଳେ ଗତକାଲି ୩୬୦ଜଣ ମତଦାନ କରିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରର ପଞ୍ଜିକୃତ କରିଥିବା ଭୋଟରଙ୍କ ମଧ୍ୟରୁ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ବର୍ଗରେ ମୋଟ୍ ୨୩୪ ଜଣ ଓ ୮୫ ବର୍ଷରୁ ଅଧିକ ବୟସ୍କ ବର୍ଗରେ ୭୯୩ଜଣ ଭୋଟ୍ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ହୋମ୍ ଭୋଟିଂ ପ୍ରକ୍ରିୟାକୁ ଶୃଙ୍ଖଳିତ, ତ୍ରୁଟିହୀନ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ପାଇଁ ମୋଟ୍ ୨୧ଟି ଦଳ ଜିଲ୍ଲା ନିର୍ବାଚନ ଅଧିକାରୀ ଗଠନ କରିଥିଲେ। ପ୍ରତ୍ୟେକ ଦଳରେ ପ୍ରିଜାଇଡିଙ୍ଗ୍ ଅଫିସର, ପୋଲିଂ ଅଧିକାରୀ, ମାଇକ୍ରୋ ଅବଜରଭର, ସଶସ୍ତ୍ର ପୋଲିସ୍, ଭିଡିଓ ଗ୍ରାଫର୍ ଏହିପରି ୫ଜଣ ରହିଥିଲେ। ନିର୍ବାଚନର ମହାପର୍ବରେ ସମସ୍ତ ଭୋଟରଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଭାରତର ନିର୍ବାଚନ ଆୟୋଗ ଏହି କ୍ରାନ୍ତିକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଜରୁରୀ ସେବାରେ ଥିବା ଅନୁପସ୍ଥିତ ଭୋଟରମାନଙ୍କ ଭୋଟଗ୍ରହଣ ଜିଲ୍ଲାରେ ଆଜିଠୁ ଆରମ୍ଭ ହୋଇଛି। ଅଗ୍ନିସମ ସେବା, ପୋଲିସ, ମେଡିକାଲ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ସରକାରୀ ଟାଉନ୍ ହାଇସ୍କୁଲ୍‌ଠାରେ ଆଜିଠୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସକାଳ ୯ଘଟିକାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ସେବାରେ ପଡ଼ିଥିବା ପୋଲିଂ ପର୍ସୋନେଲ୍‌ମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୭୩୧ ଜଣ ଓ ଦ୍ୱିତୀୟ ଦିନରେ ୧୩୫୮ଜଣ ଭୋଟର୍ ମତଦାନ କରିଛନ୍ତି। ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଡେରାବିଶର ସୁଦର୍ଶନ ଉଚ୍ଚବିଦ୍ୟାଳୟ, ଇଚ୍ଛାପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହେଉଥିବା ପ୍ରଶିକ୍ଷଣ ସମୟରେ ପ୍ରଥମ ଦୁଇ ଦିନରେ ୨୦୮୯ଜଣ ମତଦାନ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେପିର ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୭/୫ (ନି.ପ୍ର): ଭାରତର ଯସସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ରାପଡା ଗସ୍ତକୁ ନେଇ ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ରାଜ୍ୟ ପ୍ରବକ୍ତା ଧିରେନ ସେନାପତି, ଲୋକସଭା ସଂଯୋଜକ ସଂଜୟ ରଥ, ଜିଲ୍ଲା ସାଧାରଣ ସଂପାଦକ ଉପୀନ ରାଉତ, ଜିଲ୍ଲା ମିଡିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମ୍ମିଳନୀ ରେ ରାଜ୍ୟ ପ୍ରବକ୍ତା ଶ୍ରୀ ସେନାପତି ବିଶ୍ୱର ମହାନ ନେତା ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଡିଆକୁ ଆସୁଥିବାରୁ ଏହି ଅବସରରେ ସମସ୍ତ ଜନ ସାଧାରଣଙ୍କୁ ନିବେଦନ କରି ଉକ୍ତ ଦିନ ବହୁ ସଂଖ୍ୟାରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡା ବୀଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଧାନସଭା କ୍ଷେତ୍ରର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ଦୁର୍ଗା ପ୍ରସନ୍ନ ନାୟକ, ଲଳିତ ବେହେରା, ଅରିନ୍ଦମ ରାୟ, ସୁଶାନ୍ତଘଡେଇ ପ୍ରମୁଖ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମ ରେ ଲକ୍ଷାଧିକ ଲୋକଙ୍କ ସମାଗମ ଥିବାରୁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନଙ୍କ ସହ ଦଳ ପକ୍ଷରୁ ଜନ ସାଧାରଣଙ୍କ ସୁବିଧା, ଯାତାୟତ, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଓ ମହିଳାଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଦଳ ପକ୍ଷରୁ ପଦ୍ମ ଫୁଲରେ ଭୋଟ ଦେଇ ଜିଲ୍ଲାର ବିକାଶକୁ ଆଗେଇ ନେବାପାଇଁ ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ।

# କନ୍ଧମାଳରେ ୨୫୦ ଟପିଲା ଅଦା: ଜିଲ୍ଲାରେ ଉତ୍ପାଦିତ ୪,୨୦୦ ଟନ୍



ଫୁଲବାଣୀ, ୨୭/୫ (ନି.ପ୍ର): ଅଦା ଉତ୍ପାଦନ ପାଇଁ ପ୍ରସିଦ୍ଧ କନ୍ଧମାଳର ବିଭିନ୍ନ ହାଟ ବଜାରମାନଙ୍କରେ ଏବେ ଅଦା କିଲୋ ପ୍ରତି ୨୫୦ ଟଙ୍କା ଟପିଛି। ଗତବର୍ଷ ଅଦା କିଲୋ ୪୦୦ ଟଙ୍କା ଛୁଇଁଥିଲା। କନ୍ଧମାଳରେ ଅଦାର ଏଭଳି ଦରବୃଦ୍ଧିକୁ ସାଧାରଣ ଗ୍ରାହକ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। କନ୍ଧମାଳରୁ ଉତ୍ପାଦିତ ଅଦା କୁଆଡ଼େ ଯାଉଛି ? ଚଳିତ ବର୍ଷ କନ୍ଧମାଳରେ ପ୍ରଚୁର ଅଦା ଅମଳ ହୋଇଥିଲା, କିନ୍ତୁ ତାହା କାହିଁକି ବଜାର ଚାହିଦା ମେଣ୍ଟାଇବାରେ ସମର୍ଥ ହୋଇ ପାରୁନି ତାକୁ ନେଇ ପ୍ରଶ୍ନବାଚୀ ଉଠିଛି। କନ୍ଧମାଳରେ ଉଚ୍ଚ କ୍ଷମତାସମ୍ପନ୍ନ ଶୀତଳଭଣ୍ଡାର ନିର୍ମିତ ହୋଇ ପାରୁ ନଥିବାରୁ ଚାଷୀ ପ୍ରତିବର୍ଷ ଅମଳ ଋତୁରେ ଅଦା ଓ ହଳଦୀର ଅଭାବୀ ବିକ୍ରିର ଶିକାର ହେଉଛି। ଅମଳ ଋତୁ ଫେବ୍ରୁଆରି-ମାର୍ଚ୍ଚରେ ବାହାର ବେପାରୀମାନେ ଚାଷୀଙ୍କଠାରୁ ଅଦା କିଲୋ ପିଛା ୪୦ରୁ ୫୦ ଟଙ୍କା ଦରରେ କିଣି ନେଇଥିଲେ। ଚାଷୀ ଅଦା କିଲୋ ପ୍ରତି ୫୦ ଟଙ୍କାରେ ବିକ୍ରି କରି ଦେଉଥିବା ବେଳେ ଅଭାବୀ ସମୟରେ ଚଢ଼ା ଦରରେ କିଣୁଛି। ଚଳିତବର୍ଷ ମଧ ଆନ୍ଧ୍ରପ୍ରଦେଶରେ ଅଦାର ଅମଳ ବାଧାପ୍ରାପ୍ତ ଥିବାରୁ ଫୁଲବାଣୀରେ ଅଦା ଦର ଆକାଶଛୁଆଁ ହୋଇଛି ବୋଲି ବ୍ୟବସାୟୀ କହୁଛନ୍ତି। ଅନ୍ୟପଟେ ଫେବ୍ରୁଆରି ଓ ମାର୍ଚ୍ଚରେ କନ୍ଧମାଳ ଚାଷୀ ଶାଗମାଛ ଦରରେ ବେପାରୀଙ୍କୁ ଅଦା ବିକ୍ରି କରିଦେବାକୁ ବାଧ ହୋଇଥିଲା। ଏବେ ଖାଲିହାତରେ ବସିଛି। କନ୍ଧମାଳ ଜିଲ୍ଲାର ଚାଷୀ ମୁଖ୍ୟତଃ ଅଦା ଓ ହଳଦୀ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲ୍ଲାର ୨୫୦୦ ହେକ୍ଟର ଜମିରେ ପାଖାପାଖି ୫ ହଜାର ଚାଷୀ ଅଦା ଚାଷ କରିଥାନ୍ତି। ଚଳିତ ୨୦୨୩-୨୪ କୃଷିବର୍ଷରେ ପାଖାପାଖି ୪,୨୦୦ ମେଟ୍ରିକ ଟନ୍ ଅଦା ଅମଳ ହୋଇଥିଲା। ଫେବ୍ରୁଆରି-ମାର୍ଚ୍ଚ ବେଳକୁ କନ୍ଧମାଳର ଚାଷୀ ସବୁତକ ଅଦା ବିକ୍ରି କରି ଦେଇଥିଲେ। କନ୍ଧମାଳ ଅଦା ଉନ୍ନତମାନର ଏବଂ ଏଥିରେ ବହୁ ଔଷଧୀୟ ଗୁଣ ରହିଥିବାରୁ ସମଗ୍ର ରାଜ୍ୟରେ ଏହାର ଚାହିଦା ରହିଛି। ବିଶେଷକରି କନ୍ଧମାଳ ଜିଲ୍ଲାର ଶୀତଳ ଜଳବାୟୁ ଓ ପାହାଡ଼ିଆ ମାଳଭୂମି ଅଦା ଚାଷ ପାଇଁ ବେଶ ଅନୁକୂଳ ହୋଇଥାଏ। କନ୍ଧମାଳ ଅଦା ଚାଷରେ କୌଣସି ରାସାୟନିକ ସାରର ପ୍ରୟୋଗ କରାଯାଇ ନଥାଏ। ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ହେଉଥିବା କନ୍ଧମାଳ ଅଦାର ସମଗ୍ର ରାଜ୍ୟରେ ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି ଉତ୍ପାଦନ ମଧ ଅଧିକ ହେଉଛି। କିନ୍ତୁ ସଂରକ୍ଷିତ ହୋଇପାରୁନି। ଅଦାର ଉଚିତ ସଂରକ୍ଷଣ ବ୍ୟବସ୍ଥା ସହିତ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଗଲେ ହଜାର ହଜାର ସଂଖ୍ୟାରେ ଆଦିବାସୀ ଚାଷୀ ଉପକୃତ ହୋଇପାରନ୍ତେ।

## ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀ ଅର୍ପିତାଙ୍କୁ ସମ୍ବର୍ଦ୍ଧନା

ପଚ୍ଚାମୁଣ୍ଡାଇ, ୨୭/୫ (ନି.ପ୍ର): ପଚ୍ଚାମୁଣ୍ଡାଇ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡା ଜିଲ୍ଲାରେ ଏକ ଖ୍ୟାତି ସମ୍ପର୍ଣ୍ଣ ଓ ଗୌରବ ମଣ୍ଡିତ ବିଦ୍ୟାଳୟ ଅଟେ। ଏହି ବର୍ଷ ବିଦ୍ୟାଳୟର ଐତିହ୍ୟ ଓ ଗୌରବକୁ ସୁନାଝିଅ ଅର୍ପିତା ବଜାୟ ରଖିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସେ । ଅର୍ପିତା ଦିନେ ବଡହୋଇ ଭଲ ମଣିଷଟିଏ ହେବେ ବୋଲି ସ୍ପଷ୍ଟ ବାରିହୋଇ ପଡିଛି। ସୁନାଝିଅ ଅର୍ପିତା, ପିତା ଅଜୟ କୁମାର ସାମଲ ଓ ମାତା ଶିକ୍ଷୟିତ୍ରୀ ରଙ୍ଗଲତା ପାତ୍ରଙ୍କ ଝିଅ। ଘର ରାଜନଗର ବ୍ଲକ ଅନ୍ତର୍ଗତ କଣି ଗ୍ରାମରେ। ଗତ ରବିବାର ଦିନ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଅର୍ପିତା ମୋଟ ୬୦୦ ନମ୍ବରରୁ ୫୪୦ ନମ୍ବର ରଖି ଏ-୧ ଗ୍ରେଡ ରଖି ବିଦ୍ୟାଳୟର ନାମକୁ ଉଚ୍ଚ କରିଛନ୍ତି। ସେ ବଡହେଲେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବେ ବୋଲି ଆଶା ରଖିଛନ୍ତି। ସର୍ବ ମୋଟ ବିଦ୍ୟାଳୟରେ ୨୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୯୮ ପ୍ରତିଶତ ପାସ ହାର ରେ ବିଦ୍ୟାଳୟର ସମସ୍ତ ପିଲା ପାସ କରିଛନ୍ତି।

# ଝିରମଘାଟି ହତ୍ୟାକାଣ୍ଡକୁ ୧୧ ବର୍ଷ ପୁରିଲା: ଦେଶର ସର୍ବବୃହତ ହତ୍ୟାକାଣ୍ଡର ରହସ୍ୟ ଖୋଲିଲା ନାହିଁ



ମାଲକାନଗିରି, ୨୭/୫ (ନି.ପ୍ର): ୨୦୧୩ ମେ ୨୫ ତାରିଖରେ ଝିରମଘାଟିରେ ଦେଶର ସବୁଠାରୁ ଦ୍ୱିତୀୟ ବଡ ନରସଂହାର ହୋଇଥିଲା।ଏହି ନରସଂହାର ନକ୍ସଲ କରିଥିଲେ ନା ହତ୍ୟା ପଛରେ ସୁପାରି ଦିଆଯାଇଥିଲା, ଏହାର ସତ୍ୟାସତ୍ୟ ଆଜି ବି ପଦାକୁ ଆସିପାରିଲା ନାହିଁ। ସେତେବେଳେ କଂଗ୍ରେସ ଛତିଶଗଡରେ ଏକ ବଡ ପାର୍ଟି ଥିବା ବେଳେ ବିଜେପି ତାର ସତ୍ତା ହରାଉଥିଲା।ତେବେ ବିଜେପି ହିଁ କଂଗ୍ରେସର ଏହି ନେତା ଓ କର୍ମୀଙ୍କୁ ହତ୍ୟା କରିଥିବା କଂଗ୍ରେସ ଆଜି ବି ସରକାରଙ୍କ ନିକଟରେ ଅଭିଯୋଗ କରିଆସୁଛି।କିନ୍ତୁ ଏହି ଘଟଣାର ପର୍ଦାଫାସ ହୋଇପାରିଲା ନାହିଁ।ଘଟଣାଟି ଏମିତି ଥିଲା। ୨୦୧୩ ମସିହାରେ କଂଗ୍ରେସ ପରିବର୍ତ୍ତନ ମହାସଭା ବିଭିନ୍ନ ସ୍ଥାନରେ କରୁଥିଲା। ତେବେ ସେହି ବର୍ଷ ମେ ୨୫ ତାରିଖରେ ସୁକମା ଠାରେ କଂଗ୍ରେସର ବଡ ବଡ ନେତା ସହ ଶତାଧିକ କର୍ମୀ ସୁକମାରେ ପହଞ୍ଚି ପରିବର୍ତ୍ତନ ସଭାରେ ଯୋଗ ଦେଇଥିଲେ।ଅପରାହ୍ନ ୨ଟା ବେଳକୁ ସଭା ସରିବା ପରେ କଂଗ୍ରେସର ଏହି ଟିମ ଜଗଦଲପୁର ଆଡକୁ ବାହାରିଥିଲା। ତେବେ କଂଗ୍ରେସର ଏହି ଟିମକୁ ଝିରମ ଘାଟିରେ ମୃତ୍ୟୁ ଅପେକ୍ଷା କରି ରହିଥିଲା। ଝିରମଘାଟିର ମଧ୍ୟ ଭାଗରେ ପହଞ୍ଚିବା ପରେ ଅତର୍କିତ ଗୁଳିବର୍ଷଣ ହୋଇଥିଲା।ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗାଡି ଅଟକି ଯାଇଥିଲା। ସମସ୍ତେ ଜୀବନ ବିକଳରେ ତଳେ ଶୋଇପଡିଥିଲେ। ସମସ୍ତେ ବୁଝିବା ଆଗରୁ କିଛି କର୍ମୀ ଗୁଳିର ଶିକାର ହୋଇ ଟଳି ପଡିଥିବା ବେଳେ ଆଉ କିଛି ଗୁଳି ବାଜିବାରୁ ଚିତ୍କାର କରୁଥିଲେ।

ତେବେ ଏହା ନକ୍ସଲଙ୍କର କୌଣସି ରାଜନୈତିକ ଦଳ ଉପରେ ସବୁଠାରୁ ବଡ ହମଲା ଥିଲା।ସମସ୍ତ ନେତାଙ୍କୁ ବାଛି ବାଛି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ନକ୍ସଲ କରିଥିବା ନେଇ ପ୍ରଚାର ହେଲା। କିନ୍ତୁ ନକ୍ସଲ ଏତେ ବଡ ହତ୍ୟା କାଣ୍ଡ କରିବା ପୂର୍ବରୁ ଭିଡିଓ ଗ୍ରାଫି କରିଥାନ୍ତି କିମ୍ବା ଏହି ଘଟଣାର ନିନ୍ଦା ନିଜ ଉପରେ ନେଇଥାନ୍ତି।କିନ୍ତୁ ନକ୍ସଲ କୌଣସି ସୂଚନା ଜନସାଧାରଣଙ୍କୁ ପ୍ରଦାନ କରିନଥିଲେ।ତେଣୁ ଏହା ରାଜନୈତିକ ଷଡଯନ୍ତ୍ରର ଶିକାର ହୋଇଥିବା ଅଭିଯୋଗ କରାଯାଇଛି।ବିଜେପି ନକ୍ସଲଙ୍କୁ ସୁପାରି ଦେଇ କଂଗ୍ରେସର କର୍ମୀ ଓ ନେତାଙ୍କୁ ହତ୍ୟା କରିଥିବା ଏବେ ବି ଅଭିଯୋଗ କରାଯାଉଥିଲେ ମଧ କୌଣସି ସତ୍ୟତା ପଦାକୁ ଆସିପାରିଲା ନାହିଁ।ଇତିମଧ୍ୟରେ ୧୧ ବର୍ଷ ପୁରିଗଲା।ଏହି ହତ୍ୟାକାଣ୍ଡରେ ପୁରୁଷ ନକ୍ସଲ ଅପେକ୍ଷା ଅଧିକା ମହିଳା ନକ୍ସଲ ଥିଲେ।କଂଗ୍ରେସର ନେତା ମହେନ୍ଦ୍ର କର୍ମା, ନନ୍ଦ କୁମାର ପଟେଲ,ଉଦୟ ମଦିଗାର,ବିଦ୍ୟା ଚରଣ ଶୁକ୍ଲା, ଦିନେଶ ପଟେଲ ସମେତ ବହୁ ନେତା ମୃତ୍ୟୁବରଣ କରିଥିଲା।ଏହି ନକ୍ସଲ ହମଲାର ବ୍ଲୁପ୍ରିଣ୍ଟ ମାଓନେତା ହିଡମା କରିଥିଲା। ଘଟଣାସ୍ଥଳରେ ମାଓନେତା ବିନୋଦ,ସୁଜାତା ଓ ବିକଳ୍ପ ମଧ ରହିଥିଲେ। ମହିଳା ନକ୍ସଲ ହେମା ହିଁ ନେତୃତ୍ୱ ନେଉଥିଲା। ମହେନ୍ଦ୍ର କର୍ମାକୁ ଧରି ହତ୍ୟା କରିବା ପରେ ମହିଳା ନକ୍ସଲମାନେ ନାଚିଥିଲେ।୨୦୦୦ ମସିହାରେ ମହେନ୍ଦ୍ର କର୍ମା ମନ୍ତ୍ରୀ ଏବଂ ନନ୍ଦ କୁମାର ପଟେଲ ଗୃହମନ୍ତ୍ରୀ ଥିଲେ। ସଲବାଜୁଡମ ଯୋଜନା କରି ବହୁ ନକ୍ସଲକୁ ସରକାର ମାରିଥିଲେ।ଏହାର ପ୍ରତିଶୋଧ ନେବାକୁ ନକ୍ସଲ ଏହି ହମଲା କରିଥିବା କୁହାଯାଉଛି। ୧୧ ବର୍ଷ ଧରି ଦୁଇ ଦଳ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଚାଲିଛି କିନ୍ତୁ ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ।

# ଓଡିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଭାର ବଲାଙ୍ଗିର ଜିଲ୍ଲାର କର୍ମକର୍ତ୍ତା ନିର୍ବାଚନ

ବଲାଙ୍ଗିର , ୨୭/୫ (ନି.ପ୍ର): ବଲାଙ୍ଗିର ହୋଟେଲ ଭଗବତୀ ଠାରେ ଓସମେ ର ୧୫ତମ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହେବା ଅବସରରେ ୨୦୨୪-୨୦୨୭ ପାଇଁ ବଲାଙ୍ଗିର ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର କାର୍ଯ୍ୟାଳୟର ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ମହିଳା ଶିଳ୍ପୋଦ୍ୟୋଗୀ ସଂଘର ଅଧ୍ୟକ୍ଷ ଜ୍ୟୋତିର୍ମୟୀ ମହାନ୍ତି, ଅତିରିକ୍ତ ସଚିବ ଅଭିଳାଶ ଦାଶ, ଯୁଗ୍ମ ସଚିବ ସବ୍ୟସାଚି ବେହେରା, ଉପାଧ୍ୟକ୍ଷ ସିଦ୍ଧେଶ୍ୱର ମିଶ୍ର ଓ ରଣଜିତ କୁମାର ସାହୁ, ଯୁଗ୍ମ ଅର୍ଥ ସଚିବ ପରେଶ ସାହୁ, ଖୋର୍ଦ୍ଧା ଜିଲ୍ଲା ମହିଳା ସଂଘ ସଭାନେତ୍ରୀ ପ୍ରତିଶୃତି ଜେନା ଉପସ୍ଥିତ ଥିଲେ । କେନ୍ଦ୍ରୀୟ ଅର୍ଥ ସଚିବ ଆଦିକନ୍ଦ ରାଉତ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ । ନୂତନ କର୍ମକର୍ତ୍ତା ବୃନ୍ଦ ହେଲେ ସଭାପତି ପ୍ରକାଶ ନେପାକ, ଜିଲ୍ଲା ଉପ-ସଭାପତି ସବ୍ୟସାଚି ମାଝି, ଜିଲ୍ଲା ସଚିବ ଦେବଜ୍ୟୋତି ପୁରୋହିତ, ଜିଲ୍ଲା ଯୁଗ୍ମ ସଚିବ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ସଂଗଠନ ସଂପାଦକ ମେହେତାବ ଆଲାମ, ଜିଲ୍ଲା ଅର୍ଥ ସଚିବ ଆଲୋକ କୁମାର ମହାନ୍ତି ଏବଂ ଉପଦେଷ୍ଟା କୁଳଭୂଷଣ ପୁରୋହିତ । ଜିଲ୍ଲା ପରିଚାଳନା କମିଟିକୁ ନିହାର ରଞ୍ଜନ ସ୍ୱାଇଁ, ପ୍ରମୋଦ ପ୍ରଧାନ, ବିଶାଳ ଅଗ୍ରୱାଲ, ଆଶୁତୋଷ ହୋତା, ରବି ରଞ୍ଜନ ପୁଜାରୀ ଓ ହାଡିବନ୍ଧୁ ନାୟକ ନିର୍ବାଚିତ ହୋଇଥିଲେ । ଏହି ବୈଠକରେ ବଲାଙ୍ଗିର ଜିଲ୍ଲାର ୫୦ ରୁ ଉର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗ ଦେଇଥିଲେ । ନିର୍ବାଚନ ଅଧିକାରୀ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ସବ୍ୟସାଚୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର, ୨୭/୫ (ନି.ପ୍ର): ଜୟପୁର ସିମେଂଟ ବ୍ୟବସାୟୀ ସଂଘ ତରଫରୁ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପର ହଲରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ବ୍ଲଡ ବ୍ୟାଙ୍କ ଅଫିସର ସୂର୍ଯ୍ୟ ଶେଖର ମିଶ୍ର, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି. ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ଅତିଥି ଇନକମଟେକ୍ସ ଅଫିସର ଜୟନ୍ତ ଶତପଥି ଭାବେ ଯୋଗ ଦେଇଥିଲେ । ଏଠାରେ ୯୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସିମେଂଟ ବ୍ୟବସାୟୀ ମାନେ ଏପରି ରକ୍ତଦାନ ଶିବିର କରିଥିବାରୁ ଉପସ୍ଥିତ ଅତିଥି ମାନେ ଖୁସି ପ୍ରକଟ କରିଥିଲେ ।

# ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ସଫଳତା




ଭୁବନେଶ୍ୱର: ୨୦୨୪ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି। ଏନେଇ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୩୦୪ଟି ଶିଶୁ ବିଦ୍ୟା ମନ୍ଦିରରୁ ମୋଟ ୧୫୬୨୬ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୫୬୧୬ ଜଣ (୯୯.୯୪%) ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ବ୍ରହ୍ମପୁରର ଛାତ୍ର ଆୟୂଷ ଆଶୁତୋଷ ବେହେରା ୫୮୨ (୯୭%) ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ଶିକ୍ଷାବର୍ଷ ୨୦୨୪ରେ +୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷାରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ମୋଟ ୧୭୧୬ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୦୮ ଜଣ (୯୯.୫୩%) ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ଉପକୂଳିଆ ନୀତିରେ ପଶ୍ଚିମ ଓଡ଼ିଶାର ଚାଷୀ ହନ୍ତସନ୍ତ: ୬ ଫୁଟ୍ ଗଭୀରତାରେ କ’ଣ ପାଣି ରହିବ ?



ଝାରସୁଗୁଡ଼ା, ୨୭/୫ (ନି.ପ୍ର): ଉପକୂଳିଆ ନୀତିରେ ହନ୍ତସନ୍ତ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଚାଷୀ। ଉପକୂଳର ପାଣିପାଗ, ଜଳସ୍ତରକୁ ଦେଖି ସରକାର ଯୋଜନା କରୁଥିବା ବେଳେ ପରିବର୍ତ୍ତିତ ସ୍ଥିତିରେ ପଶ୍ଚିମ ଓଡ଼ିଶାରେ ଉକ୍ତ ଯୋଜନା ଚାଷୀଙ୍କ କାମରେ ଲାଗିପାରୁନି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିବା ସଦୃଶ ମତ୍ସ୍ୟ ବିଭାଗର ମାଛ ପୋଖରୀ ଯୋଜନାକୁ ଉଦାହରଣ ଭାବେ ନେଲେ ଯୋଜନାଗୁଡ଼ିକ କିଭଳି ବିଫଳ ହେଉଛି, ତାହା ଜଳଜଳ ବାରି ହୋଇପଡୁଛି। ପଶ୍ଚିମ ଓଡ଼ିଶାରେ ଜଳସ୍ତର ଦିନକୁ ଦିନ ନିମ୍ନଗାମୀ ହେଉଥିବା ବେଳେ ମାଛ ପୋଖରୀଗୁଡ଼ିକ ଡିସେମ୍ବରରୁ ଶୁଖି ପଡ଼ିଆ ହୋଇଯାଉଛି। ସୂଚନା ଅନୁସାରେ, ଝାରସୁଗୁଡ଼ା ଜିଲ୍ଲାରେ ବାର୍ଷିକ ହାରାହାରି ୩୦ଟି ମାଛ ପୋଖରୀ ମତ୍ସ୍ୟ ବିଭାଗର ଯୋଜନାରେ ଖୋଳାଯାଉଛି। ପୋଖରୀ ଖୋଳିବାକୁ ସରକାରଙ୍କ ପକ୍ଷରୁ ସବ୍‌ସିଡି ଯୋଗାଇ ଦିଆଯାଉଛି। ଉକ୍ତ ପୋଖରୀରେ ମାଛ ଚାଷ କରି ଚାଷୀ ଲାଭାନ୍ୱିତ ହେବା ସାଙ୍ଗକୁ ମାଛ ଉତ୍ପାଦନ ବୃଦ୍ଧି ସରକାରଙ୍କ ଲକ୍ଷ୍ୟ। ହେଲେ, ଏହିସବୁ ମାଛ ପୋଖରୀର ଗଭୀରତା ମାତ୍ର ୬ ଫୁଟ୍ ରହୁଛି। ୬ ଫୁଟ୍‌ରୁ ଅଧିକ ଖୋଳିବାକୁ ହେଲେ ସେଥିରେ କୌଣସି ସବ୍‌ସିଡି ମିଳୁନଥିବା ବେଳେ ଚାଷୀଙ୍କୁ ନିଜ ଖର୍ଚ୍ଚରେ ଅଧିକ ଗଭୀର ଖନନ କରିବାକୁ ପଡୁଛି। ଫଳସ୍ୱରୂପ ପ୍ରାୟତଃ ଚାଷୀ ଗଭୀରତା ୬ ଫୁଟ୍‌ରେ ହିଁ ସୀମିତ ରଖୁଛନ୍ତି। ପୂର୍ବ ଓଡ଼ିଶାରେ ଭୂତଳ ଜଳସ୍ତର ଅପେକ୍ଷାକୃତ ଉପରେ ରହୁଥିବାରୁ ୬ ଫୁଟ୍ ଗଭୀର ଗାଡ଼ିଆରେ ବି ବର୍ଷର ୮ରୁ ୧୦ ମାସ ପାଣି ରହୁଛି। ଯେଉଁଥିରେ ମାଛ ଚାଷ କରି ଚାଷୀ ସୁଫଳ ପାଉଛନ୍ତି। ମାତ୍ର, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଭଳି ଜିଲ୍ଲାରେ ଭୂତଳ ଜଳସ୍ତର ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏପରିକି ୨୦ ଫୁଟ୍ ଗଭୀରତାର ପୋଖରୀ ବି ମାର୍ଚ୍ଚ ବେଳକୁ ଶୁଖିଯାଉଛି। ଏଭଳି ସ୍ଥିତିରେ ୬ ଫୁଟ ଗଭୀର ଗାଡ଼ିଆରେ ଡିସେମ୍ବର ମାସରୁ ପାଣି ରହୁନି। ବର୍ଷା ୪ ମାସ କେବଳ ପାଣି ରହୁଥିବାରୁ ସେଥିରେ ମାଛ ଚାଷ ସମ୍ଭବ ହେଉନି। ଏହି କାରଣ ଯୋଗୁଁ ମାଛ ପୋଖରୀରୁ ମତ୍ସ୍ୟ ଉତ୍ପାଦନ ପ୍ରାୟ ଶୂନ ରହିଥିବା ଖୋଦ୍ ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଖୋଦ୍ ମତ୍ସ୍ୟ ବିଭାଗ ବି ଏହି ଘଟଣାକୁ ସ୍ୱୀକାର କରୁଥିଲେ ହେଁ ସରକାରୀ ନିୟମ ବଦଳାଇବା ସମ୍ଭବ ନଥିବା କହି ଅଧିକାରୀମାନେ ଅଧିକ ମୁଣ୍ଡ ଖର୍ଚ୍ଚ କରୁନାହାନ୍ତି। ଏ ସଂପର୍କରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ୍‌ଙ୍କୁ ପଚାରିବାରେ, ଏ ନେଇ ନିର୍ଦ୍ଦେଶାଳୟକୁ ସୂଚନା ଦିଆଯାଇଥିବା କହିଛନ୍ତି।

# ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲାଟରେ ପ୍ରାୟ ୯୪ ହଜାର ମତଦାନ

ଭୁବନେଶ୍ୱର, ୨୭/୫ (ନି.ପ୍ର): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ରେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରାଧିକୃତ ଅନେକ ବର୍ଗର ମତଦାତାମାନେ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଭିନ୍ନକ୍ଷମ ମତଦାତା, ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ, ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଆଦି ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରୁଛନ୍ତି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରାୟ ୯୪ ହଜାର ମତଦାନ ହୋଇସାରିଛି। ଏହା ମଧ୍ୟରେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଭିନ୍ନକ୍ଷମ ମତଦାତାମାନେ “ହୋମ୍ ଭୋଟିଙ୍ଗ୍’ ମାଧ୍ୟମରେ ମତଦାନ କରୁଥିବାବେଳେ ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ପିଭିସିରେ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ପିବିଏଫ୍ସି ମାଧ୍ୟମରେ ମତଦାନ କରିଛନ୍ତି ? ବୋଲି ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ସୂଚନା ଦେଇଛନ୍ତି।

# ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନୀଳଗିରିରେ ବିଶାଳ ରୋଡ ଶୋ



ନୀଳଗିରି , ୨୭/୫ (ନି.ପ୍ର): ଆଗାମୀ ଜୁନ ୧ତାରିଖରେ ଅନ୍ତିମ ପର୍ଯ୍ୟାୟ ମତଦାନ ଦିବସ ଥିବା ବେଳେ ମେ ୩୦ତାରିଖ ପ୍ରଚାରର ଶେଷ ତାରିଖ । ଏନେଇ ନୀଳଗିରିରେ ବିଭିନ୍ନ ଦଳର ହେଭିୱେଟ ନେତା ପ୍ରଚାର ମଇଦାନରେ ପ୍ରଚାର ଚଳାଇ ଅଛନ୍ତି। ଏନେଇ ଆଜି ବିଜୁ ଜନତାଦଳ ତରଫରୁ ନୀଳଗିରି ନିର୍ବାଚନ ମଣ୍ଡଳୀ ସୀମାନ୍ତ ଆୟୁଡିହା ଏସ.ଆର ପେଟ୍ରୋଲ ପମ୍ପଆୟୁଡ଼ିହା ନିକଟରୁ ପ୍ରାୟ ୫ହଜାର ମୋଟର ସାଇକେଲର ଏକ ବିଶାଳ ଶୋଭାଯାତ୍ରା ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ବାଲେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ବାହାରି ନୀଳଗିରି ବାଇପାସ୍ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ସହର ପରିକ୍ରମା କରିଥିଲେ । ପରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ସେଠାରୁ ଘାଟଘର ସାହି ଦେଇ ପଞ୍ଚଲିଙ୍ଗେଶ୍ୱର ଛକ ହୋଇ, ବାଉଁଶବଣିଆ , ଶ୍ୟାମସୁନ୍ଦରପୁର, ସନ୍ତରାଗଡିଆ ହୋଇ ଈଶ୍ୱରପୁର ଠାରେ ପହଂଚି ଏକ ବିରାଟ ସମାବେଶକୁ ଉଦବୋଧନ ଦେଇଥିଲେ। ଶ୍ରୀଯୁକ୍ତ ଦାସ ଦୀର୍ଘ ପଚିଶବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ବହୁ ଜନମଙ୍ଗଳ କାର୍ଯ୍ୟକ୍ରମ ହୋଇଥିବା ବେଳେ ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା, ରାସ୍ତାଘାଟ, ବିଭିନ୍ନ ଧର୍ମାନୁଷ୍ଠାନ ଗୁଡିକର ରୁପାନ୍ତିକରଣ, ବହୁବିକାଶ ସହ ନିର୍ମଳ ଶାସନ ଦେଇ ଓଡ଼ିଶାର ଜନମାନସରେ ୧ନଂ ନେତା ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ହେଲେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉପସ୍ଥିତ ହଜାର ହଜାର ଜନତାଙ୍କୁ ନିବେଦନ କରିଥିଲେ। ସେହିପରି ବାଲେଶ୍ୱର ଲୋକସଭା କ୍ଷେତ୍ରର ବିକାଶକୁ ଦ୍ୱିଗୁଣିତ କରିବା ଏବଂ ବିକଶିତ ଜିଲ୍ଲାଭାବରେ ପ୍ରତିଷ୍ଠିତ କରିବାକୁ ହେଲେ ସାଂସଦ ପ୍ରାର୍ଥୀ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର ଭଳି ଉଚ୍ଚଶିକ୍ଷିତା ମହିଳା ପ୍ରାର୍ଥୀ ଏବଂ ଜଣେ କର୍ମଠ ତଥା ଲୋକପ୍ରିୟ ନେତା ସୁକାନ୍ତ ନାୟକଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ଶ୍ରୀ ଦାସ ନିବେଦନ କରିଥିଲେ। ପରେ ଉଭୟ ସାଂସଦ ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀ ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାନସଭା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ,ଜିଲ୍ଲା ଯୁବବିଜେଡ଼ି ସଭାପତି ତାପସ ପରିଡା,ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନ ମୋହନ ମାଝୀ, ନଗର ଏସ ସି ସେଲ ସଭାପତି ଶରତ ଦାସ, ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ୧୧ନଂ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ରାଜ୍ୟ ଯୁବ ଜନତାଦଳ ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି,ବରିଷ୍ଠ ଆଇନଜୀବି ଅମର ପଟ୍ଟନାୟକ, ଦିଗାମ୍ବର ସ , ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ପୀତାମ୍ବର ଦାସଙ୍କ ୬୦ତମ ଜୟନ୍ତୀ ଓ ଅବସର ଗ୍ରହଣ ଉପଲକ୍ଷେ ଦିବସ ବ୍ୟାପୀ ସାରସ୍ୱତ ସମାବେଶ ଓ ବନ୍ଧୁ ମିଳନ ଉତ୍ସବ



ବାଲେଶ୍ୱର , ୨୭/୫ (ନି.ପ୍ର): ଗତ ୨୬ ତାରିଖ ଗାନ୍ଧୀସ୍ମୃତି ଭବନରେ ସରସ୍ୱତୀ-ହରେକୃଷ୍ଣ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ବହୁବିଧ ପ୍ରତିଭାର ଅଧିକାରୀ ତଥା ପ୍ରାବନ୍ଧିକ, ଗାଳ୍ପିକ, କବି, ଗୀତିକାର, ନାଟ୍ୟକାର ଏବଂ ଓଡ଼ିଆ ଶିଶୁସାହିତ୍ୟର ଅନ୍ୟତମ ସ୍ୱର୍ଦ୍ଧିତ ନାମ ଶ୍ରୀଯୁକ୍ତ ପୀତାମ୍ବର ଦାସଙ୍କ ୬୦ତମ ଜୟନ୍ତୀ ଓ କର୍ମକ୍ଷେତ୍ରରୁ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଦିବସବ୍ୟାପୀ ସାରସ୍ୱତ ସମାବେଶ ଓ ବନ୍ଧୁମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କବି ଡା. କୁମାର ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଡ. ରାଧାରଂଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଡ. ଶିରୀଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ବିଶ୍ୱାଳ, ସମ୍ମାନିତ ବକ୍ତା ଭାବେ ଗିରିଜା ଶଙ୍କର ବେହେରା ଯୋଗଦେଇ 'ପ୍ରତିଭାଦୀପ୍ତ ପୀତାମ୍ବର' ଅଭିନନ୍ଦିନିକାକୁ ଉନ୍ମୋଚନ କରିବା ସହ ପ୍ରଥମ ପର୍ଯ୍ୟାୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ନାଟ୍ୟକାର ଲକ୍ଷ୍ମୀନାରାୟଣ ଘୋଷ, ନାଟ୍ୟକାର ପ୍ରଦୀପ ଭୌମିକ, ନାଟ୍ୟକାର ସୁରଞ୍ଜନ ଦାସପଟ୍ଟନାୟକ, ସଂଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଓ ସତ୍ୟରଂଜନ ମହାନ୍ତି ତଥା ଶ୍ରୀଯୁକ୍ତ ଦାସଙ୍କ କର୍ମକ୍ଷେତ୍ର ଜୀବନ ବୀମା ନିଗମ ବାଲେଶ୍ୱର ଶାଖାର ସହକର୍ମୀ, ଅଭିକର୍ତ୍ତା, ଉପଦେଷ୍ଟା ଗଣଙ୍କୁ ପ୍ରତିଷ୍ଠାନ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ମଂଚାସୀନ ଅତିଥିମାନେ ଶ୍ରୀଯୁକ୍ତ ଦାସଙ୍କ ବ୍ୟକ୍ତିତ୍ୱ, କୃତି ଓ କୃତିତ୍ୱ ଉପରେ ଗଭୀର ଆଲୋଚନା କରିଥିଲା ବେଳେ ଶ୍ରୀଯୁକ୍ତ ଦାସଙ୍କ ସଂପର୍କରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି,ବ୍ରଜେନ୍ଦ୍ର ନାଥ ଗିରି, ଅରୁଣା ରାୟ, ମାୟାଧର ନାୟକ, ସୁଦର୍ଶନ ପାଣିଗ୍ରାହୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ କଥା ରଖିଥିଲେ। କମଳ ଦାସ ପ୍ରାକ୍କଥନ ଓ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା। ବସନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ବ୍ରଜେନ୍ଦ୍ରନାଥ ଗିରିଙ୍କ ପୌରୋହିତ୍ୟରେ କବୟିତ୍ରୀ ଜ୍ୟୋତ୍ସ୍ନା ରାୟ ଓ ଶିକ୍ଷକ ଗୌରବ କବି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ମନୋଜ୍ଞ କବିତାପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଓ କବୟିତ୍ରୀ ସ୍ୱ-ରଚିତ କବିତା ପାଠ କରିଥିଲେ। ସଂଧ୍ୟାରେ ଶିକ୍ଷକ ଗୌରବ କବି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଶ୍ରୀଯୁକ୍ତ ଦାସଙ୍କ ରଚିତ ଗୀତକୁ ଭଜନ ଶ୍ରୀକ୍ଷେତ୍ରର କଣ୍ଠଶିଳ୍ପୀମାନେ ମନମୁଗ୍ଧକର ଭାବେ ସଂଗୀତ ପରିବେଷଣ କରିଥିଲେ। ଚିତ୍ରଶିଳ୍ପୀ କେଶୁଦାସଙ୍କ ପୀତାମ୍ବର ଦାସଙ୍କ ତୈଳଚିତ୍ରକୁ ତାଙ୍କ ମମତାମୟୀ ମାଆ ସରସ୍ୱତୀ ଦେବୀ ଅନାବରଣ କରିଥିଲା ବେଳେ ତାଙ୍କ ଭଣଜା ଜଗଦୀଶ ଲେଙ୍କା ସ୍ୱହସ୍ତରେ ଅଙ୍କନ କରିଥିବା ଚିତ୍ରକୁ ତାଙ୍କୁ ଉପହାର ରୂପେ ପ୍ରଦାନ କରିଥିଲେ।। ଶ୍ରୀଯୁକ୍ତ ଦାସଙ୍କ ଜ୍ୟେଷ୍ଠାକନ୍ୟା ଶୁଭଶ୍ରୀ ଦାସଙ୍କ ସୁନ୍ଦର ନୃତ୍ୟ ପରିବେଷଣ ପରେ ଶ୍ରୀଯୁକ୍ତ ଦାସଙ୍କ ରଚିତ ତଥା ନାଟକ 'ସମୟ' ଜୀବନ ବୀମା ନିଗମର କର୍ମଚାରୀ ଓ ଅଭିକର୍ତ୍ତାଙ୍କ ଦ୍ୱାରା ମଂଚସ୍ଥ ହୋଇ ଦର୍ଶକଙ୍କ ଶ୍ରଦ୍ଧାଭାଜନ ହୋଇପାରିଛି। ଉକ୍ତ ନାଟକର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଘୋଷ,ସହ-ନିର୍ଦ୍ଦେଶକ ଗୌତମ, ଅନନ୍ତ ଚାନ୍ଦ ଓ ସଂଗୀତ ନିର୍ଦ୍ଦେଶକ ସତ୍ୟରଂଜନ ମହାନ୍ତି।ଦ୍ୱିତୀୟ ପର୍ଯ୍ୟାୟ ସମ୍ବର୍ଦ୍ଧନା ପର୍ବରେ ଜୀବନ ବୀମା ନିଗମର ପ୍ରତ୍ୟେକ କର୍ମଚାରୀ ଓ 'ପ୍ରତିଭାଦୀପ୍ତ ପୀତାମ୍ବର' ପାଇଁ ଲେଖା ଦେଇଥିବା ଲେଖକ/ଲେଖିକା, ସଂଗୀତ ପରିବେଷଣ କରିଥିବା କଳାକାର, ନାଟକରେ ଅଭିନୟ କରିଥିବା କଳାକାରମାନଙ୍କୁ ପ୍ରତିଷ୍ଠାନ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମଗ୍ର ଉତ୍ସବକୁ ଶ୍ୟାମସୁନ୍ଦର ଜେନା, ବସନ୍ତ କୁମାର ମହାନ୍ତି, କାର୍ତ୍ତିକ ମିଶ୍ର, ମୁକେଶ ଦତ୍ତ, ରମେଶ ଚନ୍ଦ୍ର ବେହେରା, ବିଶ୍ୱଜିତ ବାଗ ପରିଚାଳନା କରିଥିଲେ।

# ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗର ଢାବା ଓ ହୋଟେଲରେ ଚଢାଉ : ଦୁଇ ଅଭିଯୁକ୍ତ ଗିରଫ



ବେତନଟୀ , ୨୭/୫ (ନି.ପ୍ର): ୨୦୨୪ ଜୁନ ୧ ତାରିଖ ରେ ମୟୂରଭଞ୍ଜ ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଅଛି। ଏହା କୁ ଦୃଷ୍ଟିରେ ରଖି ଅବକାରୀ କମିଶନର ତଥା ବାରିପଦା ଅବକାରୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶରେ ଆଜି ବେତନଟୀ ଅବକାରୀ ଥାନା ଟିମ ବେତନଟୀ ଜାତୀୟ ରାଜପଥ ପାର୍ଶ୍ୱରେ କେତେକ ଢାବା ଓ ହୋଟେଲ ଉପରେ ଚଢ଼ାଉ କରିଥିଲେ। ଏହି ଚଢାଉ ସମୟରେ ବେତନଟୀ ତୁଳସୀ ଚଉରା ଏକ ହୋଟେଲ ରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଅଭିଯୁକ୍ତ ପୁରୁଷୋତ୍ତମ ମହାନ୍ତ( ୩୫)କୁ ଗିରଫ କରାଯାଇଥିବା ବେଳେ ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ରେ ଥିବା ଏକ ଢ଼ାବା ରେ ବିଦେଶୀ ମଦ ବିକ୍ରି ହେଉଥିବା ଜାଣି ବିଭାଗ ଚଢାଉ ରେ ସର୍ବଣା ଗ୍ରାମ ର ଅଭୟ କୁମାର ଦାସ (୪୮) ଧରିବା କୁ ସକ୍ଷମ ହୋଇଛନ୍ତି। ସୂଚନାଯୋଗ୍ୟ ବେତନଟୀ ଅବକାରୀ ଟିମ୍ ଏହି ଚଢାଉ କରିଥିବା ବେଳେ ବେତନଟୀ ବଜାର ଓ ଜାତୀୟ ରାଜପଥ ପାର୍ଶ୍ୱରେ ଦୁଇ ଟି ବିକୃତି ପ୍ରାପ୍ତ ବିଦେଶୀ ମଦ ଦୋକାନ ବିଳମ୍ବ ରାତି ପର୍ଯ୍ୟନ୍ତ ଖୋଲାଯାଉଥିବା ବେଳେ ମଧ ବେତନଟୀ ଅବକାରୀ ଥାନା ଏହାକୁ ଅଣଦେଖା କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି ।

# ଖପରାପଦାଠାରେ ସାଇକେଲରୁ ୯୮ହଜାର ଛିନ୍‌ତାଇ



ଲଙ୍ଗଳେଶ୍ୱର , ୨୭/୫ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ତାପଣ୍ଡିଆ ଗ୍ରାମର ରମେଶ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ କବିତା ସାହୁ ଆଜି ପୂର୍ବାହ୍ନ ୧୧ ଟା ସମୟରେ ଖପରାପଦା ବ୍ୟାଙ୍କରୁ ୯୮ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ସମୟରେ ଖପରାପଦା ବଜାରରୁ ସାଇକେଲରେ ଟଙ୍କା ବେଗ୍ ରଖି ସଉଦା କରୁଥିବା ସମୟରେ ସାଇକେଲରେ ରଖିଥିବା ଟଙ୍କା ବ୍ୟାଗ୍ କୁ ଦୁଇ ଜଣ ବ୍ୟକ୍ତି ନେଇଯାଇଥିଲେ । ଏହା ଜଣାପଡିବା ପରେ ଖପରାପଦାରେ ଚହଳ ପଡିଯାଇଥିଲା । ଘର ଛାତ ପକାଇବା ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ । ଟଙ୍କା ବ୍ୟାଗ୍ ଟି ଦୁଇଜଣ ବ୍ୟକ୍ତି ନେଇଯିବା ପରେ ସ୍ୱାମୀ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡିଛନ୍ତି । ସ୍ୱାମୀ ସ୍ତ୍ରୀଙ୍କ କହିବା ଅନୁସାରେ ଜମି ବିକି ଘର କରିବା ପାଇଁ ରଖିଥିବା ଟଙ୍କା ଆଜି ବ୍ୟାଙ୍କରେ ଉଠାଇବା ପରେ ବ୍ୟାଙ୍କରେ ଟଙ୍କା ଗଣିଥିଲେ । ସେଠାରେ ଦୁଇ ଜଣ ବ୍ୟକ୍ତି ତାଙ୍କ ପଛରେ ରହି ସାଇକେଲରୁ ଟଙ୍କା ବ୍ୟାଗ୍ କୁ ନେଇଯାଇଥିଲେ ବୋଲି କହିଛନ୍ତି । ବ୍ୟାଙ୍କରେ ରହିଥିବା ସିସିଟିଭି କ୍ୟାମେରାରେ ସେହି ବ୍ୟକ୍ତିଜଣଙ୍କ ଫଟୋ ରହିଥିବାବେଳେ ସାଧାରଣରେ ସିସିଟିଭି ଯାଞ୍ଚ କରିବାକୁ ଦାବୀ ହୋଇଛି । ଏନେଇ ବାଲିଆପାଳ ଥାନାରେ ରମେଶ ଚନ୍ଦ୍ର ସାହୁ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ୍ ତଦନ୍ତ କରୁଛି ବୋଲି କହିଛି।

# ମନ୍ଦାରପୁର ପଞ୍ଚାୟତରେ ବିଜେପି ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଘର ଘର ବୁଲି ଭୋଟ ଭିକ୍ଷା



ବାଲେଶ୍ୱର, ୨୭/୫ (ନି.ପ୍ର): ସୋମବାର ସକାଳେ ରେମୁଣା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ମନ୍ଦାରପୁର ଗ୍ରାମପଞ୍ଚାୟତରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ମଣ୍ଡଳ ସଭାପତି ଗିରିଧାରୀ ଦାସ ,ପଞ୍ଚାୟତ ସଭାପତି ଶଶିକାନ୍ତ ଗିରି,ଉପସଭାପତି ହରିଶ ଚନ୍ଦ୍ର ଦାସ,ପ୍ରଭାରୀ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ପଞ୍ଚାୟତର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଘର ଘର ବୁଲି ଭୋଟ ଭିକ୍ଷା କରିବା ସମୟରେ ବିଜେପି ସରକାର ଆସିଲେ ଓଡ଼ିଶାର ବିକାଶ ଦୁଇଗୁଣ ହେବ ବୋଲି କାର୍ଯ୍ୟକର୍ତ୍ତା ଲୋକଙ୍କୁ ବୁଝାଇଥିଲେ। ଶ୍ରୀ ଦାସ ଗୁରୁଜନଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ ଉଭୟ ବିଧାୟକ ଏବଂ ସାଂସଦଙ୍କୁ ଦୁଇଥର ପଦ୍ମ ଚିହ୍ନରେ ମୋହର ମାରିବା ପାଇଁ ଅନୁରୋଧ କରିଥିଲେ। ବିଜେପିକୁ ବିପୁଳ ସଂଖ୍ୟାରେ ଆଶୀର୍ବାଦ ମିଳିଲେ ରେମୁଣାର ଚାଷୀଙ୍କ ପାଇଁ ଏକ ଶୀତଳ ଭଣ୍ଡାର, ରେମୁଣାରେ ଚିଙ୍ଗୁଡ଼ି ମତ୍ସ୍ୟ ଚାଷୀଙ୍କ ପାଇଁ ମତ୍ସ୍ୟ ବଜାର, ରେମୁଣା ବସୀଙ୍କ ଆସ୍ଥା ଓ ବିଶ୍ୱାସ ପ୍ରଭୁ କ୍ଷୀରଚୋରା ଗୋପୀନାଥ ମନ୍ଦିରକୁ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳି ରୂପେ ଘୋଷଣା କରିବା ପରି ବିଭିନ୍ନ କାର୍ଯ୍ୟ ହେବ ବୁଲି କର୍ଯ୍ୟକର୍ତ୍ତା ଲୋକଙ୍କୁ ବୁଝାଇ ଥିଲେ।

## ରାଜୌରୀ ଜିଲ୍ଲାର ବନାଚଂଳରେ ଲାଗିଲା ଭୀଷଣ ନିଆଁ

ରାଜୌରୀ, ୨୭/୫ ରାଜୌରୀ ଜିଲ୍ଲାର ବନାଚଂଳରେ ଭୀଷଣ ନିଆଁ ଲାଗିଛି । ଯାହା ଫଳରେ ବଡ ବଡ ଗଛ ଓ ବନ୍ୟଜନ୍ତୁଙ୍କୁ ଗମ୍ଭୀର କ୍ଷତି ପହଂଚିଛି । ବନ ସୁରକ୍ଷା ବଳ ଦ୍ୱାରା ରବିବାର ରାତି ସାରା ବ୍ୟାପକ ନିଆଁଲିଭା ଅଭିଯାନ ଚଳାଯାଇଥିଲା । ଏହାପରେ ସୋମବାର ନିଆଁକୁ ଆୟତ କରାଯାଇଛି । ଅଧିକାରୀ ମାନେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ରବିବାର ବିଳମ୍ବିତ ରାତିରେ ବଥୁନି ବନାଚଂଳରେ ନିଆଁ ଲାଗିଥିଲା । ୭ରୁ ୮ ଏକର ଜମିରେ ଏହି ନିଆଁ ବ୍ୟାପୀ ଯାଇଥିଲା । ଫଳରେ ବଡ ବଡ ଗଛ ଓ ବନ୍ୟଜନ୍ତୁଙ୍କୁ ଗମ୍ଭୀର କ୍ଷତି ପହଂଚିଛି । ବନ ସୁରକ୍ଷା ବଳର ବ୍ୟାପକ ନିଆଁଲିଭା ଅଭିଯାନ ଫଳରେ ସୋମବାର ନିଆଁକୁ ଆୟତ କରାଯାଇଛି ।

## ଗୁନାରେ ମିନି ଟ୍ରକ୍ ଓଲଟିଲା: ୪ ମୃତ, ୪ ଗୁରୁତର

ଗୁନା, ୨୭/୫ (ନି.ପ୍ର): ମଧ୍ୟପ୍ରଦେଶର ଗୁନାରେ ସୋମବାର ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ୪୬ ନଂ ଜାତୀୟ ରାଜପଥର ଏବି ରୋଡ଼ରେ ମ୍ୟାନାରୁ ଅଧ କି.ମି. ଦୂରରେ ଦୃତ ଗତିରେ ଯାଉଥିବା ଏକ ମିନି ଟ୍ରକ୍ ପୋଲରୁ ତଳକୁ ଖସି ପଡିଥିଲା । ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକ ମାନେ କାନପୁରର ବୋଲି ଜଣାପଡିଛି। ପୋଲିସ ଏନେଇ ସୂତ୍ରରୁ ପ୍ରକାଶ ଯେ, ଏହି ଦୁର୍ଘଟଣା ସୋମବାର ସାଢେ ୩ଟା ସମୟରେ ମ୍ୟାନା ଥାନା ଅଂଚଳରେ ହୋଇଛି । ଥାନା ଅଧିକାରୀ ସଞ୍ଜିତ ମାବଇ କହିଛନ୍ତି ଯେ, ଏହି ମିନି ଟ୍ରକ୍ ରେ ୬ ଜଣ ଶ୍ରମିକ, ଡ୍ରାଇଭର ଓ ହେଲପର ଥିଲେ । ସମସ୍ତ ଶ୍ରମିକ କାନପୁରର । ସେମାନେ କର୍ଣ୍ଣାଟକ ଯାଉଥିଲେ । ମ୍ୟାନାର ଚୌକା ଚୁହ୍ଲା ହୋଟେଲ ସମ୍ମୁଖରେ ମିନି ଟ୍ରକ୍ ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା । ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି ।

# ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାରାଥନ ନିର୍ବାଚନ ପ୍ରଚାର



ବାଲେଶ୍ୱର/ନୀଳଗିରି/ବଡସାହୀ, ୨୭/୫ (ନି.ପ୍ର): ବାଲେଶ୍ୱରର ମାଟି ସ୍ୱାଭିମାନୀ ମାଟି । କିନ୍ତୁ ୨୫ ବର୍ଷର ସରକାରରେ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ । ମୋଦୀ ସରକାର ଲୋକଙ୍କ ସୁବିଧା ପାଇଁ ପ୍ରଚୁର ଅର୍ଥ ଦେଉଥିବା ବେଳେ ଏଠାରେ ଦୁର୍ନୀତି ହେଉଛି । ବାଲେଶ୍ୱରକୁ ଅନେକ କାମ ଆସିଥିବା ବେଳେ ସେ ସବୁକୁ କ୍ରିୟାନ୍ୱୟନ କରିବାରେ ବିଜେଡି ବାଧକ ସାଜିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସୋମବାର ବାଲେଶ୍ୱର ଲୋକସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ବିଜୟ ସଂକଳ୍ପ ସଭାରେ ଯୋଗଦେବା ସହ ରୋଡ ସୋ' କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ନୀଳଗିରି, ବଡସାହୀ ଓ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଛନ୍ତି ଯେ ଏଠାରେ ପାଇପରେ ପିଇବା ପାଣି ଆସୁନି । ଗାଁ ଗଣ୍ଡାରେ ୨୫ ବର୍ଷ ହେଲା ବିଶୁଦ୍ଧ ପିଇବା ପାଣି ନାହିଁ, ମୁଖ୍ୟମନ୍ତ୍ରୀ ଏହାକୁ ଭଲ କହିବେ କି ? ଜଳସେଚନର ସୁବିଧା ନାହିଁ । ନୀଳଗିରି ସରକାରୀ ହସ୍ପିଟାଲରେ ଡାକ୍ତର ନାହାନ୍ତି । ସ୍କୁଲରେ ଶିକ୍ଷକ ନାହାନ୍ତି । ନୀଳଗିରିରୁ ଯୁବକମାନେ କାମଧନ୍ଦା ନ ପାଇ ବାହାରକୁ ଯାଉଛନ୍ତି । ଆଦିବାସୀଙ୍କ ଜମି ବିକ୍ରି କରିବା ପାଇଁ ରାଜ୍ୟ ସରକାର ମସୁଧା କଲେ । ୨୫ ବର୍ଷ ସରକାରରେ ରହି ଯିଏ ଦୁର୍ନୀତି କରେ, ସେହି ସରକାରକୁ ବଦଳାଇବା ଦରକାର । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିବା ମହାନ କବି, ଲେଖକ ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ଅସ୍ମିତା ଲଢେଇ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ସ୍ୱାଭିମାନୀ ପ୍ରଦେଶ ତିଆରି କରିବାରେ ବାଲେଶ୍ୱର ନୀଳଗିରିର ବହୁତ ବଡ ଭୂମିକା ଅଛି । ସେଭଳି ପବିତ୍ର ଭୂମିରେ ମୁଖ୍ୟମନ୍ତ୍ରୀ ତାମିଲନାଡୁରୁ ଜଣଙ୍କୁ ଭଡ଼ାରେ ଆଣିଛନ୍ତି । ସେ ଭାଷଣ ଦେଲେ ତାଙ୍କ ପାଖରେ ମାଇକ ଧରି ଛିଡା ହେଉଛନ୍ତି । ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ମାଟିର ଝିଅ ରାଷ୍ଟ୍ରପତି କି ପ୍ରଧାନମନ୍ତ୍ରୀ, ଜାଣିପାରୁନାହାନ୍ତି । ଭଡାଟିଆଙ୍କୁ କହିବାକୁ ପଡୁଛି । ଗୁମାସ୍ତା ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ ୫ଟି ସାହିତ୍ୟ କୃତି କହିପାରିବେ କି ? ବାହାର ରାଜ୍ୟର ଜଣେ ଗୁମାସ୍ତାଙ୍କୁ ଓଡ଼ିଆ ଲୋକମାନେ ନେତା କରାଇଦେବେ ନାହିଁ । ଓଡ଼ିଶାର ନେତା ଓଡ଼ିଆ ହେବ । ଏଥର ପରିବର୍ତ୍ତନ ନିଶ୍ଚୟ ହେବ । ଓଡ଼ିଶାର ଅପମାନର ସହ୍ୟ କରାଯାଇପାରିବ ନାହିଁ । ଚଳିତ ନିର୍ବାଚନରେ ଏହାର ଜବାବ୍ ଓଡ଼ିଆ ଲୋକମାନେ ଦେବେ । ଏଥର ଓଡ଼ିଶାର ନେତା ଓଡ଼ିଆ ଲୋକ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବାଲେଶ୍ୱରର ବିକାଶ ଚରମ ସୀମାରେ ପହଞ୍ଚିବ । ଜିଲ୍ଲାର ଜନତାଙ୍କ ଠାରୁ ସବୁ ଯୁବକ ଯୁବତୀଙ୍କ ଆକାଂକ୍ଷା ପୂରଣ ହେବ। ବିଜେପି ସରକାର ହେଲେ ବାଲେଶ୍ୱର ସମେତ ରାଜ୍ୟରେ ଉଚ୍ଚମାନର ଶିକ୍ଷା ପାଇଁ ସହରାଞ୍ଚଳ ସହ ପ୍ରତି ବ୍ଲକରେ ୨ଟି ଭାବରେ ୮୦୦ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ହେବ । ଏଥିପାଇଁ ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଧାନ ଏମଏସପି କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କାରୁ ୩୧୦୦ ଟଙ୍କା କରାଯିବ । ସବୁ ଚାଷ ଜମି ଜଳସେଚନ ହେବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଏହା କେବଳ ପ୍ରତିଶ୍ରୁତି ନୁହେଁ ବରଂ ମୋଦୀ ଗ୍ୟାରେଣ୍ଟିର ପ୍ରମାଣ ପତ୍ର । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବାଙ୍ଗିରିପୋଷୀ ନିର୍ବାଚନମଣ୍ଡଳୀ ହରିଷ୍ଚନ୍ଦ୍ରପୁର ଠାରେ ହନୁମାନ ମନ୍ଦିରରେ ଦର୍ଶନ କରିଥିଲେ । ସେଠାରେ ସାନ୍ତାଳି ସମାଜ ଓ ମୁଣ୍ଡାରି ଭାଷାର ଆଗଧାଡିର ନେତୃତ୍ୱ, ଗବେଷକ, ସାହିତ୍ୟକାର, ସମାଜସେବୀ ତଥା ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ । ବଡ଼ସାହୀରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ବାରିପଦାରେ ବିଜେପିର ପ୍ରେସମିଟ




ବାରିପଦା, ୨୭/୫ (ନି.ପ୍ର): ଆସନ୍ତା ୨୯ ତାରିଖ ବୁଧବାର ବାରିପଦା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟରେ ତିନୋଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଓ ୧୦୫ଟି ବିଧାନସଭା ପାଇଁ ମତଦାନ ଶେଷ ହୋଇଥିବା ବେଳେ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରରେ ଯୋଗ ଦେବାକୁ ବାରିପଦା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ୨୯ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ବାରିପଦା ସହରର ବହୁ ପ୍ରତିଷ୍ଠିତ ଓ ଐତିହାସିକ ଛଉପଡ଼ିଆ ଠାରେ ପଦାର୍ପଣ କରି ଦଳୀୟ ପ୍ରଚାର କାର୍ଯ୍ୟକ୍ରମ ରେ ଯୋଗଦେବେ ମୋଦି। ଓଡିଶା ରେ ଡବଲ ଇଞ୍ଜିନ ସରକାର ପାଇଁ ଲଗାତାର ବିଜେପି ଦଳର ଶିର୍ଷ ନେତୃତ୍ୱ ଙ୍କ ଓଡିଶା ଆଗମନ ଜାରୀ ରହିଛି। ଆଉ ଏହି ଶେଷ ସମୟ ନିର୍ବାଚନ କାର୍ଯ୍ୟକ୍ରମରେ ମୋଦିଙ୍କ ପ୍ରଚାର ମୟୂରଭଞ୍ଜ ନିର୍ବାଚନୀ ଗଣିତରେ ପୁଣିଥରେ ସଫଳତା ମିଳିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋରଧରିଛି। ଏହି ପରିପ୍ରେକ୍ଷୀରେ ବାରିପଦା ବଜାର ଇଣ୍ଡିଆ ଠାରେ ଜିଲ୍ଲା ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଯାଇଛି। ବିଜେପି ଦଳର ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ ନବଚରଣ ମାଝୀ ଓ ରାଜ୍ୟ ସ୍ପୋକ୍ସପରସନ ସୁଦୀପ୍ତ ରାୟ ଏନେଇ ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

ମଙ୍ଗଳବାର, ମଇ ୨୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜୁନ ୧ ଇଣ୍ଡିଆ ବୈଠକରେ ଯୋଗ ଦେବେନି ମମତା ବାନାର୍ଜୀ

ନୂଆଦିଲ୍ଲୀ, ୨୭/୫ : ଲୋକସଭା ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବ। ସେହି ଦିନ ବିରୋଧୀ ମେଣ୍ଟ ଇଣ୍ଡିଆର ବୈଠକ ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଯୋଗ ଦେବେ ନାହିଁ। ରାଜ୍ୟରେ ହେବାକୁ ଥିବା ଭୋଟ ଓ ବାତ୍ୟା ରେମାଲ ପାଇଁ ସେ ବୈଠକରେ ଯୋଗ ଦେଇ ପାରିବେ ନାହିଁ ବୋଲି ଆଜି ଠାରୁ ସ୍ପଷ୍ଟ କରି ଦେଇଛନ୍ତି। କୋଲକାତାରେ ଆୟୋଜିତ ରାଲିରେ ସମ୍ବୋଧନ କରି ମମତା କହିଛନ୍ତି, "ଇଣ୍ଡିଆ ମେଣ୍ଟ ପୂର୍ବରୁ କହି ସାରିଛନ୍ତି ଯେ ଜୁନ ୧ରେ ଦିଲ୍ଲୀରେ ବୈଠକ ହେବ। ହେଲେ ମୁଁ ଯୋଗ ଦେଇ ପାରିବି ନାହିଁ ବୋଲି ସେମାନଙ୍କୁ କହି ସାରିଛି। କାରଣ ରାଜ୍ୟର କିଛି ରାଜ୍ୟ ଭଳି ଏଠାରେ ମଧ୍ୟ ଜୁନ ୧ରେ ଭୋଟ ରହିଛି। ଗୋଟିଏ ପଟେ ବାତ୍ୟା ଓ ରିଲିଫ ସେଣ୍ଟ ଥିବା ବେଳେ ଅନ୍ୟପଟେ ନିର୍ବାଚନ ରହିଛି। ଏପରି ସ୍ଥିତିରେ ମୁଁ କେମିତି ଦିଲ୍ଲୀ ଯାଇ ପାରିବି ? ଲୋକଙ୍କ ପାଖରେ ରିଲିଫ ପହଞ୍ଚାଇବା ମୋର ପ୍ରାଥମିକତା। ମୁଁ ଏଠାରେ ମିଟିଂ କରୁଛି ସତ, କିନ୍ତୁ ମୋ ମନ ଓ ହୃଦୟ ବାତ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରହିଛି।" ଜୁନ ୧ରେ ପଶ୍ଚିମବଙ୍ଗର ବଳକା ୯ଟି ଆସନରେ ଭୋଟ ହେବ। ଏହା ମଧ୍ୟରେ କୋଲକାତା ଦକ୍ଷିଣ ଓ କୋଲକାତା ଉତ୍ତର ରହିଛି। ସେହିପରି ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ପ୍ରାର୍ଥୀ ହୋଇଥିବା ଡାଇମଣ୍ଡ ହାର୍ବରରେ ମଧ୍ୟ ଶେଷ ପର୍ଯ୍ୟାୟରେ ମତଦାନ ହେବ। ଏହାବାଦ ଯାଦବପୁର, ଦମଦମ, ବରସାତ, ବଶିରହାଟ, ଜୟନଗର ଓ ମଥୁରାପୁରରେ ମଧ୍ୟ ଲୋକମାନେ ଜୁନ ୧ରେ ଭୋଟ ଦେବେ। ଇଣ୍ଡିଆ ମେଣ୍ଟ ପକ୍ଷରୁ ଜୁନ ୧ରେ ସର୍ବଦଳୀୟ ବୈଠକ ଡକାଯାଇଛି। ଜୁନ ୪ରେ ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ରେଜଲ୍ଟ ପ୍ରକାଶ ପାଇବ। ଏହାପୂର୍ବରୁ ରଣନୀତି ପ୍ରସ୍ତୁତ କରିବା ପାଇଁ ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକ ବୈଠକ କରିବେ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo